ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। -ଶ୍ରୀମା

# ପତ୍ରେ ପତ୍ରେ ଠକ

ବର୍ତ୍ତମାନ ସମୟରେ ଡିଜିଟାଲ ଆରେଷ୍ଟ ଏକ ଭୟଙ୍କର ଅନ୍‌ଲାଇନ ଅପରାଧ ଭାବେ ଉଭା ହେଲାଣି। ଏଥିରେ ଠକମାନେ ନିଜକୁ ପୋଲିସ, ସିବିଆଇ, ଆର୍‌ବିଆଇ କିମ୍ବା ନାର୍କୋଟିକ୍ସ ବିଭାଗ ଅଧିକାରୀ ଭାବେ ଦର୍ଶାଇ ସହଜରେ କାବୁ କରିହେଉଥିବା ବ୍ୟକ୍ତିଙ୍କ ପାଖକୁ ଇ-ମେଲ୍, ଟେକ୍ସଟ୍ ମେସେଜ୍ କିମ୍ବା ଫୋନ୍ କରୁଛନ୍ତି। ସେହି ବ୍ୟକ୍ତିମାନଙ୍କୁ କୁହାଯାଉଛି ଆପଣଙ୍କ ନାମରେ ଆର୍ଥିକ ହେରଫେର, ବେଆଇନ ସାମଗ୍ରୀ କାରବାର ସଂକ୍ରାନ୍ତ ଅଭିଯୋଗକୁ ନେଇ ତଦନ୍ତ ଚାଲିଛି। ତେଣୁ ଗିରଫ ହେବା ଭଳି ପ୍ରମାଣ ଥିବାରୁ ଆପଣ ବର୍ତ୍ତିବା ସହଜ ନୁହେଁ ବୋଲି କହି ବଡ଼ ଭୟ ସୃଷ୍ଟି କରୁଛନ୍ତି। ଏସବୁ ଶୁଣି କିମ୍ବା ଇ-ମେଲ୍ ବା ମେସେଜ୍ ଦେଖି ଯଦି ସମ୍ପୃକ୍ତ ବ୍ୟକ୍ତି ଭୟଭୀତ ହୋଇଯାଉଥିବା ଠକମାନେ ଜାଣିପାରୁଛନ୍ତି, ସେତିକିବେଳେ ସେ ଯେଭଳି ଘରୁ ବାହାରି ନ ପାରିବେ ସେଭଳି ଏକ ବାତାବରଣ ଗଢ଼ି ତୋଳୁଛନ୍ତି। ଫଳରେ ନିଜ ବିରୋଧରେ ସାଂଘାତିକ ଅଭିଯୋଗ ଆସିଥିବା ଜାଣି ବ୍ୟକ୍ତି ଜଣକ ତଥାକଥିତ ଅଧିକାରୀ ବୋଲାଉଥିବା ଠକ କଥାରେ ରାଜି ହୋଇଯାଉଛନ୍ତି। ଅର୍ଥ ଯାଉ ପଛେ ଇଜ୍ଜତ ରହିଯାଉ ଭାବି ଟଙ୍କା ଦେବାକୁ ପଛାଉନାହାନ୍ତି। ପ୍ରତାରିତ ବ୍ୟକ୍ତି ଯେତେବେଳେ ଜାଣୁଛନ୍ତି ଯେ ସେ ଠକାମିର ଶିକାର ହୋଇଯାଇଛନ୍ତି, ସେତେବେଳେ 'ନେଡ଼ି ଗୁଡ଼ କହୁଣିକୁ ବୋହିଯାଉଛି'।

ଇଣ୍ଡିଆନ ସାଇବର କ୍ରାଇମ୍ କୋର୍ଡିନେଶନ ସେଣ୍ଟର ତଥ୍ୟ ଅନୁଯାୟୀ, ୨୦୨୪ ଜାନୁଆରୀରୁ ଏପ୍ରିଲ୍ ମଧ୍ୟରେ ଡିଜିଟାଲ ଆରେଷ୍ଟ ସମେତ ସାଇବର ଠକାମିରେ ଭାରତର ନାଗରିକମାନେ ୧,୭୫୦ କୋଟିରୁ ଅଧିକ ଟଙ୍କା ହରାଇଛନ୍ତି। ଏହି ଅବଧି ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ସାଇବର କ୍ରାଇମ ପୋର୍ଟାଲରେ ୭,୪୦,୦୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ କରାଯାଇଛି। ସଦ୍ୟ ଘଟଣାକ୍ରମେ ଡିସେମ୍ବର ୨୩ରେ ବେଙ୍ଗାଲୁରୁରେ ଏକ ଡିଜିଟାଲ ଆରେଷ୍ଟ ସମ୍ପର୍କିତ ଘଟଣା ସମସ୍ତଙ୍କୁ ଚକିତ କରିଦେଇଛି। ମିଳିଥିବା ସୂଚନା ଅନୁଯାୟୀ, ନଭେମ୍ବର ୨୫ରୁ ଡିସେମ୍ବର ୧୨ ମଧ୍ୟରେ ଜଣେ ସଫ୍ଟୱେର ଇଞ୍ଜିନିୟରଙ୍କଠାରୁ ସାଇବର ଠକମାନେ ତିନୋଟି ପର୍ଯ୍ୟାୟରେ ବିଭିନ୍ନ ଉପାୟରେ ୧୧ କୋଟି ୮ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ମନିଲଣ୍ଡରିଂ ମାମଲାରେ ତାଙ୍କ ଆଧାର ନମ୍ବର ଜଡ଼ିତ ଥିବା ଦର୍ଶାଇ ସେମାନେ ଏହି ଇଞ୍ଜିନିୟରଙ୍କୁ ଟାର୍ଗେଟ କରିଥିଲେ। ପରେ ଇଞ୍ଜିନିୟର ନାମ ଗୋପନ ରଖି ନିଜକୁ ବିକ୍ରମ ଭାବେ ଦର୍ଶାଇ ବେଙ୍ଗାଲୁରୁର ଉତ୍ତର-ପୂର୍ବ ସିଇଏନ୍ କ୍ରାଇମ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। କିଛି ମାସ ତଳେ ପଦ୍ମଭୂଷଣରେ ସମ୍ମାନିତ 'ବର୍ଦ୍ଧମାନ ଗ୍ରୁପ୍'ର ଅଧ୍ୟକ୍ଷ ଏସ୍‌ପି ଓସ୍‌ୱାଲ ମଧ୍ୟ ଡିଜିଟାଲ ଆରେଷ୍ଟରେ ୭ କୋଟି ଟଙ୍କା ହରାଇଥିଲେ। ଉଲ୍ଲେଖଯୋଗ୍ୟ, ସାଇବର ଅପରାଧ ବଢ଼ୁଥିବାରୁ ଆର୍‌ବିଆଇ ଡିଜିଟାଲ ଆରେଷ୍ଟ ଉପରେ ବାରମ୍ବାର ସଚେତନାମୂଳକ ସୂଚନା ଦେଇ ଚାଲିଛି। ଏହା ସତ୍ତ୍ୱେ ଯଦି ଜଣେ ପ୍ରଯୁକ୍ତିବିତ୍ ଓ ପ୍ରତିଷ୍ଠିତ ଶିଳ୍ପପତି ଠକାମିର ଶିକାର ହୋଇ ବିପୁଳ ପରିମାଣର ଟଙ୍କା ହରାଉଛନ୍ତି, ସେଭଳି ସ୍ଥଳେ ଦେଶର ସାଧାରଣ ଲୋକଙ୍କ ଅର୍ଥ ସୁରକ୍ଷିତ ରହିବ ବୋଲି କୌଣସି ଗ୍ୟାରେଣ୍ଟି ରହୁନାହିଁ।

**ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ଭାରତରେ ସାଇବର ପୋଲିସ ଅଧିକାରୀଙ୍କର ପ୍ରଯୁକ୍ତିଗତ ଜ୍ଞାନ ଊଣା ରହୁଥିବା ଅନେକ ସାଇବର ଅପରାଧ ଆକାରରୁ ସ୍ପଷ୍ଟ ହେଉଛି। ତେଣୁ ଏଭଳି ଟେକ୍ନୋ କ୍ରାଇମ୍‌କୁ ନିୟନ୍ତ୍ରଣ କରିବାକୁ ହେଲେ ସାଇବର ନିରାପତ୍ତାକୁ ସୁଦୃଢ଼ କରିବାକୁ ପଡ଼ିବ। କେବଳ ଆଇନ ନୁହେଁ, ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ତରରେ ସତର୍କ ରହିବା ଜରୁରୀ।**

ମନେପକାଇ ଦିଆଯାଇପାରେ ଯେ, ଭାରତରେ ୨୦୧୫ ଜୁଲାଇ ୧ରେ ଡିଜିଟାଲ ଇଣ୍ଡିଆ ଯୋଜନା ଲାଗୁ ହୋଇଥିଲା। ଆର୍ଥିକ କାରବାରକୁ ସୁଗମ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଶୁଭାରମ୍ଭ କରାଯାଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଅନେକ ନାଗରିକ ଏବେ ଅନ୍‌ଲାଇନ ଆର୍ଥିକ ଅପରାଧର ଶିକାର ହେଉଛନ୍ତି। ଏ ଦେଶରେ ମାତ୍ର ୩୮ ପ୍ରତିଶତ ପରିବାର ଡିଜିଟାଲ ସାକ୍ଷର ହୋଇପାରିଛନ୍ତି। ଏହା ଡିଜିଟାଲ ଅକ୍ଷମତାକୁ ଦର୍ଶାଉଛି। ଅନ୍ୟପକ୍ଷରେ ଜଣଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ଅନେକ ସମୟରେ ଅନ୍ୟ ହାତକୁ ଚାଲିଯାଉଥିବାରୁ ଅର୍ଥ ଚାଲିଯିବାର ଭୟ ସର୍ବଦା ଘାରୁଛି। ଡିଜିଟାଇଜେଶନରେ ବ୍ୟାଙ୍କଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ଆଧାର ସଂଯୋଗ ଠକଙ୍କୁ ସୁହାଉଛି। ଦେଶରେ ଦୁର୍ବଳ ବ୍ୟାଙ୍କ ବ୍ୟବସ୍ଥାଠାରୁ ଆରମ୍ଭ କରି ଅନ୍‌ଲାଇନ୍ କାରବାର ନିରାପତ୍ତାବିହୀନ ହୋଇପଡ଼ିଛି। ନିକଟ ଅତୀତର ଉଦାହରଣ ଦେଖିଲେ ୨୦୨୩ରେ ଛଦ୍ମନାମରେ ପରିଚିତ 'ଡାର୍କ ୱେବ୍ ୦୦୦୧' ଭାରତର ୮୧ କୋଟିରୁ ଅଧିକ ଲୋକଙ୍କ ଆଧାର ଓ ପାସ୍‌ପୋର୍ଟ ମହଜୁଦ ରଖିଥିବା ଘୋଷଣା କରିଥିଲା। ସେତେବେଳେ ପ୍ରିଭେସି ବା ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଉପରେ ପ୍ରଶ୍ନ ଉଠିଥିଲା। ଏହା ସୂଚିତ କରିଥିଲା ଯେ, ଭାରତ ସରକାର ବ୍ୟକ୍ତିଗତ ତଥ୍ୟ ଗୋପନ ରଖିବାରେ ଅସମର୍ଥ। ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ଭାରତରେ ସାଇବର ପୋଲିସ ଅଧିକାରୀଙ୍କର ପ୍ରଯୁକ୍ତିଗତ ଜ୍ଞାନ ଊଣା ରହୁଥିବା ଅନେକ ସାଇବର ଅପରାଧ ଆକାରରୁ ସ୍ପଷ୍ଟ ହେଉଛି। ତେଣୁ ଏଭଳି ଟେକ୍ନୋ କ୍ରାଇମ୍‌କୁ ନିୟନ୍ତ୍ରଣ କରିବାକୁ ହେଲେ ସାଇବର ନିରାପତ୍ତାକୁ ସୁଦୃଢ଼ କରିବାକୁ ପଡ଼ିବ। କେବଳ ଆଇନ ନୁହେଁ, ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ତରରେ ସତର୍କ ରହିବା ମଧ୍ୟ ଜରୁରୀ। କାରଣ ସରକାରୀ ବ୍ୟବସ୍ଥା ଅପରାଧକୁ ରୋକିବା ଲାଗି ଡାଳ ଡାଳରେ ଯାଉଥିଲା ବେଳେ ଚୋର ବା ଠକ ପତ୍ରେ ପତ୍ରେ ଯାଉଛନ୍ତି।



# ବୃଦ୍ଧାବସ୍ଥାର ଅନୁଚିନ୍ତା

ନିରାକାର ଦାସ

ଆମ ସମାଜରେ ଦେଖିବାକୁ ମିଳୁଛି ବୃଦ୍ଧାବସ୍ଥାର ଅସହାୟତା। ବୃଦ୍ଧାବସ୍ଥାରେ ସନ୍ତାନମାନେ ହିଁ ଏକମାତ୍ର ଭରସା। ଯେତେ ବୃଦ୍ଧାଶ୍ରମ କି ଆଶ୍ରମ ହେଉ ତାହା କେବେ ବି ନିଜ ଘରର ସୁଖ ଦେଇ ପାରିବ ନାହିଁ। ବୃଦ୍ଧାବସ୍ଥାରେ ସନ୍ତାନ ନିଜ ମାତାପିତାଙ୍କୁ ଘରୁ ବାହାର କରିଦେବା କାର୍ଯ୍ୟକୁ ଏକ କ୍ରାଇମ୍ (ଅପରାଧ)ଭାବେ ଆଇନ ଗ୍ରହଣ କରିବା କଥା। ଯେଉଁ ମାତାପିତାମାନେ ଘରେ ବି ରୁହନ୍ତି, ସେମାନେ ଅଶାନ୍ତି ଓ ଅପ୍ରୀତିକର ପରିସ୍ଥିତିରୁ ଦୂରେଇ ରହିବାକୁ ଯାଇ ନିରୋଳାରେ ଲୋତକ ଗଡ଼ାନ୍ତି। ରୋଗ ପାଇଁ ପଇସା ଖର୍ଚ୍ଚ ହେଉ କି ଘରକୁ ପଇସା ଦେବା କଥା ହେଉ, ସବୁଥିରେ ନାନାଦି କଥା ଶୁଣିବାକୁ ପଡ଼େ ମା'ବାପାଙ୍କୁ। ଏମିତି ଅନେକ କଥା ଭୋଗିବାକୁ ପଡ଼େ ବୃଦ୍ଧାବସ୍ଥାରେ।

ବୃଦ୍ଧାବସ୍ଥାରେ ଏମିତି ଅସହାୟତା କାହିଁକି ଆସେ ଓ ଏଥିପାଇଁ ଦାୟୀ କିଏ ? ଏ କଥା ଆମେ କ'ଣ କେବେ ଚିନ୍ତା କରିଛୁ ନା ଗଭୀର ଭାବେ ଅନୁଧ୍ୟାନ କରିଛୁ ? ବୋଧହୁଏ ଠିକ୍ ଭାବେ ଏହି ଅବସ୍ଥାକୁ ଅନୁଶୀଳନ କରିନୁ। କେବଳ ଭାଗ୍ୟ ଦୋଷ ଉପରେ ଛାଡ଼ି ଦେଇ ନିଜ ନିଜର କଠୋର କର୍ତ୍ତବ୍ୟ ନିକଟରୁ ଦୂରେଇ ଯାଇଛୁ ଓ ଯାଉଛୁ ମଧ୍ୟ। ପ୍ରଥମ କଥା ହେଲା ସନ୍ତାନଟି ମା'ବାପାଙ୍କର ଜିନ୍ ନେଇ ଜନ୍ମ ନିଏ। ଏଣୁ ଏହି ଜିନ୍‌ର ଅନୁରୂପ ପରିପ୍ରକାଶ ଘଟିବ। ଯେଉଁ ମଞ୍ଜି ପୋତାଯାଇଥାଏ ସେହି ଗଛ ଉଠେ। ଆମ୍ବ ଗଛରେ ଆମ୍ବଡ଼ା ଫଳେନି। ତେଣୁ ମା'ବାପାଙ୍କର ଗୁଣବତ୍ତା ହେଉଛି ସନ୍ତାନର ମୂଳ ଉତ୍ସ। ଦ୍ୱିତୀୟ କଥା ହେଲା ସନ୍ତାନଟି ପରିବେଶରୁ ସମସ୍ତ ଗୁଣ ଓ କାର୍ଯ୍ୟକଳାପ ଆହରଣ କରେ। ମାତାପିତାଙ୍କ ଗୁଣ ସହ ପରିବେଶର ପ୍ରଭାବର ସମସ୍ତ ଚେନତାନକୁ ବହନ କରି ସନ୍ତାନଟି ବଡ଼ହୁଏ। ତେଣୁ ଆମେ ଯେମିତି ପରିବେଶ ପ୍ରଦାନ କରିବା ପିଲାଟି ସେମିତି ତିଆରି ହେବ। ଆମ ଅଜାଣତରେ ଆମର ସମସ୍ତ କୁ ଓ ସୁ କାର୍ଯ୍ୟକୁ ପିଲାଟି ଅନୁକରଣ କରୁଥାଏ। ଆମେ ଛୋଟ ପିଲାଟି କିଛି ଜାଣୁନି, ବୁଝୁନି ଭାବି ତା' ସମ୍ମୁଖରେ ଆମେ ଆମର ମନ୍ଦ କର୍ମ କରିଥାଉ। ଏତିକି ମନେରଖିବା ଦରକାର ପିଲାଟି ମା' ପେଟରୁ ଭୂମିଷ୍ଠ ହେଲା ପରେ ସେ ତା'ର ଚତୁଃପାର୍ଶ୍ୱକୁ ଦେଖିବା ଓ ଅନୁକରଣ କରିବା ଆରମ୍ଭ କରିଦେଇଥାଏ। ଆମର ପ୍ରତ୍ୟେକଟି କାର୍ଯ୍ୟକୁ ସେ ଦେଖେ ଓ ଶୁଣେ ଏବଂ ତାହା ତା'ର ମସ୍ତିଷ୍କ ବା ମେମୋରିରେ ଲିପିବଦ୍ଧ ହେଉଥାଏ। ଉଚ୍ଚ ସଂସ୍କାର ଓ ମାନବତା ପିଲା ତା' ନିଜ ପରିବାରରୁ ଶିଖିଥାଏ। ଆମ ଆଚରଣ ଓ ଉଚ୍ଚାରଣ ଦୁଇଟିରେ ସେ ପ୍ରଭାବିତ ହୁଏ। ସ୍ମୃତିପଟ୍ଟରେ ଯେଉଁ ସବୁ ମନ୍ଦ ହେଉ କି ଆଦର୍ଶ ପିଲା ଜନ୍ମ କାଳରୁ ଶିଖି ଶିଖି ଯୁବାବସ୍ଥାରେ ତାହା ପାକଳ ହୋଇଯାଇଥାଏ। ସେହି ପାରିପାର୍ଶ୍ୱିକ ଶିକ୍ଷା ହିଁ ତା'ର ବ୍ୟକ୍ତିତ୍ୱକୁ ନିର୍ମାଣ ଆମ ଅଜାଣତରେ କରିସାରିଥାଏ। ଯୁବାବସ୍ଥାରେ ତା'ର ଆଚରଣରେ ଆମେ ବ୍ୟଥିତ ହେବା ଅର୍ଥହୀନ। କାରଣ ଆମ କର୍ମର ହିଁ ସେ ଏକ ପ୍ରତିଫଳନ। କହିବାକୁ ଗଲେ ''ବାପ ଯେମିତି ପୁଅ ସେମିତି।'' ସନ୍ତାନର ଆଚରଣ ବେଳେ ବାଲ୍ୟାବସ୍ଥାକୁ ଫେରିଗଲେ ଦେଖିବା ଆମର ଅବିକଳ ରୂପ।



ବୃକ୍ଷଟିର ବିଶାଳତା ପ୍ରାପ୍ତି ନିମନ୍ତେ ପରିବେଶ ଜରୁରୀ। ତେଣୁ ଆମେ ଆମର ସନ୍ତାନକୁ କେମିତି ପରିବେଶ ପ୍ରଦାନ କରିଛୁ ତାକୁ ଆମ୍ଭ ଅନୁଶୀଳନ କଲେ ବୁଝାପଡ଼ିବ। ପୌଢ଼ାବସ୍ଥାରେ ଭାଗ୍ୟକୁ ଦୋଷ ଦେଇ ମୁଣ୍ଡରେ ହାତ ମାରିଲେ କିଛି ହୁଏନା। ନିଜେ ଅନୈତିକ ହୋଇ ସନ୍ତାନଠାରୁ ନୈତିକତା ଆଶା କରିବା ପାଗଳାମିର ପ୍ରଳାପ। ତେଣୁ ପ୍ରତ୍ୟେକ ମାତାପିତା ନିଜ ନିଜ ଆଚରଣକୁ ଶୁଦ୍ଧ ରଖିବା ଦ୍ୱାରା ନିଜର କଲ୍ୟାଣ ହୋଇଥାଏ। ଏଇଠି ଏକ ପ୍ରଶ୍ନ ଉଠିପାରେ ମାତାପିତା ଏମିତି ଅନୈତିକ, ଅଶୋଭନୀୟ ଆଚରଣ କାହିଁକି କରୁଛନ୍ତି ତାଙ୍କ ଶିଶୁଟିଏ ସାମ୍ନାରେ ? ସେମାନେ ବି ତାଙ୍କ ମାତାପିତା, ପରିବେଶରୁ ଶିଖିଥିବେ। ତେଣୁ ଏଠି ମାତାପିତାଙ୍କର ବା କି ଦୋଷ ? ବାସ୍ତବରେ ଆମ ସାମାଜିକ ବ୍ୟବସ୍ଥା ହିଁ ଦାୟୀ। ଆମ ବ୍ୟବସ୍ଥାରେ ମଣିଷକୁ ମଣିଷ କରିବା ପରିବର୍ତ୍ତେ ପଶୁ ତୁଲ୍ୟ କରି ରଖିବା ନିମନ୍ତେ ସମସ୍ତ ପ୍ରକାର ଅନୁକୂଳ ବାତାବରଣ ତିଆରି କରାଯାଉଛି। ଗୋଟିଏ ବ୍ୟକ୍ତିର ଅଜ୍ଞାନତା ଓ ଅମାନବିକତା ତା'ର ଶହ ଶହ ପିଢିକୁ ସଂକ୍ରମିତ କରିଥାଏ। ଭାଷଣ ଓ ପ୍ରବଚନରେ ନୈତିକ ଶିକ୍ଷା ମହଜୁଦ କିନ୍ତୁ ସାମାଜିକ, ପାରିବାରିକ ଦୈନନ୍ଦିନ ଆଚରଣରେ ଏହା ନ ଥାଏ। ଅଶ୍ଳୀଳତା, ଅନ୍ଧବିଶ୍ୱାସ, କୁସଂସ୍କାର, ପାଶବିକତା ଆମ ସାମାଜିକ ଅଭ୍ୟନ୍ତରକୁ ଏତେ ଆକ୍ରାନ୍ତ କରିଛି ଯେ ସେଥିରୁ ନିସ୍ତାର ପାଇବା କଠିନ। ଅତ୍ୟନ୍ତ ନିଷ୍ଠାବାନ୍ ଓ ଯତ୍ନବାନ୍ ମାତାପିତା ନ ହେଲେ ସନ୍ତାନ କୁପରିବେଶର ଶିକାର ହୋଇଯାଇଥାଏ। ତେଣୁ ଏ ସମାଜ ବ୍ୟବସ୍ଥା ହିଁ ଭୁଲ୍। ତେଣୁ ଭୁଲ୍ କଥା ମଣିଷକୁ ଶିଖାଇ ଏକ ଯନ୍ତ୍ର ମଣିଷ ନିର୍ମାଣ କରୁଛି। ଯନ୍ତ୍ର ମଣିଷ କାହୁଁ ବୁଝିବ ହୃଦୟର ଭାଷା, କରୁଣାର କାରୁକାର୍ଯ୍ୟ, ପ୍ରେମର ପରାକାଷ୍ଠା, ମନର ମାଧୁର୍ଯ୍ୟତା, ସମ୍ପର୍କର ସୌନ୍ଦର୍ଯ୍ୟତା। ସେଥିପାଇଁ ଆମେ ଯଦି ଏମିତି ସାମାଜିକ ଅନୈତିକତା ବିରୋଧରେ ସଂଗ୍ରାମ କରି ଏକ ସୁନ୍ଦର ସମାଜ ସ୍ୱପ୍ନରେ ଆଚରଣ ଓ ଉଚ୍ଚାରଣ ସମାନ ରଖିବା ତେବେ ଆମ ଅଲକ୍ଷ୍ୟରେ ଏକ ସଂସ୍କାରୀ ସନ୍ତାନଟିଏ ଗଢି ସାରିଥିବା। ଆମେ ଯଦି ମୋର ମୋର ହୋଇ ସ୍ୱାର୍ଥାନ୍ଧ ହେବା, ସମାଜ କଲ୍ୟାଣ କଥା ଭାବିବାନି ତେବେ ସନ୍ତାନଟି ଆହୁରି ସ୍ୱାର୍ଥପର ହୋଇ ବାହାରିବ ସେତେବେଳେ ଯେତେ ମୁଣ୍ଡରେ ହାତ ପିଟିଲେ କିଛି ଲାଭ ହେବନି।

ଅଙ୍ଗେନିଭା କଥାଟିଏ। ମୁଁ ସମ୍ବଲପୁର ରେଳ ମଣ୍ଡଳରେ ଜନ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରୁଥାଏ। ମୋ ବସାଘର ନିକଟରେ ଛୋଟ ସାଇକେଲ୍ ମରାମତି ଦୋକାନଟି ଖୋଲି ରହୁଥାଏ ମୋ ମାମୁ ଗାଁର ବ୍ୟକ୍ତି ଜଣକ। ତାଙ୍କ ନିକଟରେ ବେଳେ ବେଳେ ତାଙ୍କ ବାପା ଆସି ରହୁଥାନ୍ତି। ହିସାବରେ ମୋ ବୋଉର ବଡ଼ଭାଇ। ସନ୍ଧ୍ୟା ସକାଳେ ବୋଉ ପାଖରେ ବସି ଚା, ପାନ ଖାଇଲା ବେଳେ ଲୁହଗଡ଼ାନ୍ତି। ନିଜ ପୁଅ ଓ ବୋହୂର ବ୍ୟବହାରରେ ଅତିଷ୍ଠ। ବେଳେ ବେଳେ କୁହେ ମୁଁ ଆତ୍ମହତ୍ୟା କରିଦେବି। ମୋ ବୋଉ ତାଙ୍କୁ ବୁଝାଏ। ସେ କୁହନ୍ତି - ''ତୋ ଭଳି ପୁଅଟିଏ ମୋର ଜନ୍ମ ହୋଇଥିଲେ, ମୁଁ କେତେ ଆନନ୍ଦରେ ଥାନ୍ତି। ମୋ କପାଳ ମନ୍ଦ।'' ଦେଖ ତୁମ ଘରକୁ କେତେ ବାହାର ଲୋକ ଆସୁଛନ୍ତି, ସମସ୍ତେ କେତେ ଆଦର ପାଇ ଯାଉଛନ୍ତି। କିନ୍ତୁ ମୁଁ ତ ବାପା। ନିଜ ବାପାର ଉପସ୍ଥିତି ପୁଅ ସହି ପାରୁନି ଖର୍ଚ୍ଚ ହୋଇଯିବ ବୋଲି। ମୁଁ ଦିନେ ଏମାନଙ୍କ କଥା ଶୁଣି ଦେଲି। ସିଏ ଗଲା ପରେ ମୋ ବୋଉକୁ କହିଲି - ''ତୁ କ'ଣ ଦେଖିନୁ ଏଇ ବୁଢା ତା ଯୁବାବସ୍ଥାରେ କେମିତି ଦାଣ୍ଡରେ ଲଙ୍ଗଳା ମୁକୁଳା ହୋଇ କଦର୍ଯ୍ୟ ଭାଷାରେ କଳିକରେ। ନିଜ ଭାଇମାନଙ୍କୁ କି ଅଶ୍ଳୀଳ ଭାଷା ପ୍ରୟୋଗ କରେ। ତା' ପିଲା ତ ଶିଖିଥିବ ନା।'' ମୋ ବୋଉ କହେ- ତା' କର୍ମ ଯେମିତି ଫଳ ଭୋଗୁଛି ସେମିତି, କିଏ କ'ଣ କରିବ। ଆମେ ଖାଲି ଆହା ପଦେ କହିବା କଥା।

**ଅଳସୁଆ ପ୍ରାଇମେରୀ ସ୍କୁଲ୍ ସାମ୍ନା,**
**ଦାରୁଠେଙ୍ଗ, ଭୁବନେଶ୍ୱର**



# ଜଳ ଆସିଲା କେଉଁଠୁ

ପ୍ର. ରମେଶ ଚନ୍ଦ୍ର ପରିଡ଼ା

ପୃଥିବୀକୁ 'ଜଳଗ୍ରହ' ବୋଲି କୁହାଯାଏ। କାରଣ ସୌରଜଗତ ଏବଂ ଅଦ୍ୟାବଧି ଏହା ବାହାରେ ଆବିଷ୍କୃତ ଶତାଧିକ ଗ୍ରହମାନଙ୍କ ମଧ୍ୟରେ ଏକମାତ୍ର ଏଥିରେ ହିଁ ରହିଛି ପ୍ରଚୁର ପରିମାଣ (ପ୍ରାୟ ୭୧%) ତରଳ ଜଳ। ଏହାର ପୃଷ୍ଠଦେଶରେ ବାସ କରୁଥିବା ପ୍ରାୟ ପ୍ରତ୍ୟେକ ସଜୀବ ଜୀବନଧାରଣ ପାଇଁ ଏହା ଆବଶ୍ୟକ କରେ ଏବଂ ତାଙ୍କ ଶରୀରର ମୁଖ୍ୟଭାଗ ଏଥିରେ ଗଢ଼ା।

ଜଳ ପୃଥିବୀପୃଷ୍ଠରେ ଯେ କିପରି ଉତ୍ପତ୍ତି ହେଲା ତାହାର ରହସ୍ୟ ଉଦ୍‌ଘାଟନ ଲାଗି ବିଭିନ୍ନ କ୍ଷେତ୍ରର ବୈଜ୍ଞାନିକମାନେ ଦୀର୍ଘଦିନ ଧରି ଅଧ୍ୟୟନ ଚଳାଇ ଆସିଛନ୍ତି। କିନ୍ତୁ, ତଥାପି ତାହାର ସମ୍ପୂର୍ଣ୍ଣ ଠିକ୍ ଉତ୍ତର ଆଜିପର୍ଯ୍ୟନ୍ତ ମିଳିପାରିନାହିଁ। ତେବେ ତାହା ଅନେକ ମତବାଦ ସୃଷ୍ଟି କରିବାକୁ ସମର୍ଥ ହୋଇପାରିଛି, ଯାହାର ସର୍ବାଗ୍ରରେ ରହିଛି ଦୁଇଟି। ତହିଁରୁ ପ୍ରଥମଟି ଅନୁସାରେ ପୃଥିବୀ ଜଳର କୌଣସି ପୁରୋଗାମୀ ପଦାର୍ଥ ସହିତ ଜନ୍ମଲାଭ କରିଥିଲା ଏବଂ ତତ୍ପରେ ତହିଁରୁ ତାହା ସୃଷ୍ଟିହେଲା। ଅନ୍ୟଟି ଅନୁସାରେ ଆମ ଗ୍ରହଟି ସୃଷ୍ଟି ହେଲା ପରେ ଗ୍ରହାଣୁ ଏବଂ ଧୂମକେତୁ ଭଳି ମହାକାଶ ପିଣ୍ଡମାନଙ୍କ ପତନ ମାଧ୍ୟମରେ ଜଳ ଏଠାକୁ ଆସିଛି। ପୁନଶ୍ଚ ପୃଥିବୀ ସୂର୍ଯ୍ୟଠାରୁ ଉପଯୋଗୀ ଦୂରତାରେ (ଏହାକୁ 'ବାସୋପଯୋଗୀ ମଣ୍ଡଳ' କୁହାଯାଏ) ଅବସ୍ଥାନ କରୁଥିବାରୁ ତହିଁରେ ଜଳ ତରଳାବସ୍ଥାରେ ରହିପାରୁଛି ଏବଂ ଅନ୍ୟପକ୍ଷରେ ସମ୍ପୂର୍ଣ୍ଣ ରୂପେ ବରଫରେ ପରିଣତ ହେଉନାହିଁ।

ଗ୍ରହାଣୁମାନେ ଜଳ ଆଣିଲେ: ଆଜକୁ ପ୍ରାୟ ୪.୬ ହଜାର- ନିୟୁତ (ବିଲିୟନ) ବର୍ଷ ପୂର୍ବେ ବାଷ୍ପ ଏବଂ ଧୂଳିର ବାଦଲମାନଙ୍କ ପତନ ହେତୁ ସୂର୍ଯ୍ୟ ଜନ୍ମନେଲା। ତହିଁରୁ ରହି ଯାଇଥିବା ବଳକା ପଦାର୍ଥରୁ ପ୍ରାୟ ୪.୫ ହଜାର - ନିୟୁତ ବର୍ଷ ପୂର୍ବେ ସୃଷ୍ଟି ହେଲା ପୃଥିବୀ ସମେତ ସୌରଜଗତ। ଆଦ୍ୟକାଳରେ (୪ରୁ ୩ ହଜାର-ନିୟୁତ ବର୍ଷ ପୂର୍ବେ) ଏହାର ଆଭ୍ୟନ୍ତର ଅତ୍ୟନ୍ତ ବିକ୍ଷୁବ୍ଧ ଥିଲା ଏବଂ ଗ୍ରହମାନେ ନିଜର କକ୍ଷ ପରିବର୍ତ୍ତନ କରୁଥିଲେ। ଏହି ମହାକର୍ଷଣୀୟ ଧକମ୍‌ଧକ୍କା ବରଫଯୁକ୍ତ ସାନ ସାନ ମହାକାଶପିଣ୍ଡ ବା ଶିଳାମାନଙ୍କୁ ସୌରମଣ୍ଡଳର ଅନ୍ତର୍ଦ୍ଦେଶ ଆଡ଼କୁ ନିକ୍ଷେପ କରୁଥିଲା। ସମ୍ଭବତଃ ଏଗୁଡ଼ିକରୁ ଅନେକ ପୃଥିବୀ ସହିତ ଧକ୍କା ଖାଇ ଏଥିରେ ଜଳ ସୃଷ୍ଟି କଲେ। ବୈଜ୍ଞାନିକମାନେ ଏହାକୁ କହୁଛନ୍ତି 'ଦ' ଲେଟ୍ ହେଭି ବମ୍‌ବାର୍ଡମେଣ୍ଟ' ମତବାଦ।

ଧୂମକେତୁମାନେ ମଧ୍ୟ ପୃଥିବୀକୁ ଜଳ ଆଣିପାରିଥାନ୍ତି ବୋଲି ଆଗରୁ ବିଶ୍ୱାସ କରାଯାଉଥିଲା। ତେବେ ୧୯୮୬ ମସହିରେ 'ଜିଓଟୋ' ମହକାଶ ମିଶନ 'ହ୍ୟାଲି' ଧୂମକେତୁରେ ଏବଂ ୨୦୧୪ରୁ ୨୦୧୬ ମଧ୍ୟରେ 'ରୋସେଟ୍ଟା' ମହାକାଶ ମିଶନ 'ଚୁରିୟୁମୋଭ୍ ଜେରାସିମେଂକୋ' ଧୂମକେତୁରେ ପହଞ୍ଚି ସେଗୁଡ଼ିକର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିଥିଲେ। ସେଥିରୁ ଜଣାପଡ଼ିଥିଲା ଯେ ଏଗୁଡ଼ିକରେ ଥିବା ଜଳର ରାସାୟନିକ ସ୍ୱାକ୍ଷର, ଅର୍ଥାତ୍ ଉଦ୍‌ଜାନ ଓ ଡିଉଟେରିୟମ୍ (ଭାରି ଉଦ୍‌ଜାନ)ର ଅନୁପାତ ପୃଥିବୀର ଜଳଠାରୁ ଭିନ୍ନ। ଏଣୁ ଏବେ ମନେକରାଯାଉଛି ଯେ, ସମ୍ଭବତଃ ଆମ ଗ୍ରହକୁ ଜଳ ଆଣିବା କାର୍ଯ୍ୟ କେବଳ ଗ୍ରହାଣୁ ଏବଂ ଉଲ୍‌କାମାନଙ୍କ ଦ୍ୱାରା ହିଁ ସାଧିତ ହୋଇଛି। ପୁନଶ୍ଚ ଗ୍ରହାଣୁ 'ରିୟୁଗୁ'ରୁ 'ହାୟାବୁସା-୨' ମିଶନ ଦ୍ୱାରା ସଂଗୃହୀତ ନମୁନାର ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଏଥିରେ ଥିବା ଜଳ ପୃଥିବୀର ସମୁଦ୍ରଜଳ ସହିତ ସମ୍ପୂର୍ଣ୍ଣ ଖାପ୍ ଖାଉଛି। ଏଣୁ ମନେକରାଯାଏ ଯେ, ଏପ୍ରକାର ଗ୍ରହାଣୁମାନେ ବୋଧହୁଏ ଯଥେଷ୍ଟ ପରିମାଣରେ ଜଳ ଆଣି ପୃଥିବୀରେ ପହଞ୍ଚାଇଛନ୍ତି। ଏହା ବ୍ୟତୀତ ୨୦୨୩ ମସିହା ସେପ୍ଟେମ୍ବରରେ ଆମେରିକୀୟ ମହାକାଶ ସଂସ୍ଥା 'ନାସା' ଦ୍ୱାରା ପ୍ରେରିତ ମହାକାଶଯାନ 'ବେନ୍ନୁ' ଗ୍ରହାଣୁରୁ ନମୁନା ସଂଗ୍ରହ କରିଥିଲା । ବିଶ୍ଳେଷଣରୁ ସେଥିରେ ଥିବା ଜଳ ଏବଂ ଜୈବିକ ପଦାର୍ଥମାନଙ୍କର ପୃଥିବୀର ସେହି ଉପାଦାନଗୁଡ଼ିକ ସହିତ ସମାନତା ଥିବାର ଜଣାପଡ଼ିଛି। ଅତଏବ ଗ୍ରହାଣୁମାନେ ପୃଥିବୀକୁ ଯଥେଷ୍ଟ ମାତ୍ରାରେ ଜଳ ଯୋଗାଇଥିବାର ଏହାକୁ ଅନ୍ୟତମ ପ୍ରମାଣ ରୂପେ ଗ୍ରହଣ କରାଯାଇପାରିବ ।



ପୃଥିବୀ ନିଜେ ନିଜେ ଜଳ ସୃଷ୍ଟି କଲା: ଏହି ମତବାଦ ଅନୁସାରେ ପୃଥିବୀ ନିଜେ ନିଜର ଜଳ ସୃଷ୍ଟି କରିଛି । ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ରମାନଙ୍କ ସାହାଯ୍ୟରେ ଦେଖାଯାଇଛି ଯେ, ସୌରଜଗତ ବାହାରେ ନୂଆ ସୃଷ୍ଟି ହୋଇଥିବା ଗ୍ରହମାନଙ୍କରେ ରହିଛି ପ୍ରଚୁର ଆଣବିକ ଉଦ୍‌ଯାନ । ଏଣୁ କେତେକ ବୈଜ୍ଞାନିକ ମତଦିଅନ୍ତି ଯେ, ପୃଥିବୀ ମଧ୍ୟ ତା' ସୃଷ୍ଟିର ଆଦ୍ୟକାଳରେ ଏଥିରେ ସମୃଦ୍ଧ ଥିଲା। ଏହା ତା'ର 'ମାଗ୍‌ମା' ସାଗରମାନଙ୍କ ସହିତ ପ୍ରତିକ୍ରିୟା କରି ପ୍ରଚୁର ପରିମାଣ ଜଳ ସୃଷ୍ଟି କରିପାରିଥାଏ ।

'ମାଗ୍‌ମା' ହେଉଛି ପୃଥିବୀ ପୃଷ୍ଠଦେଶର ତଳେଥିବା ତରଳ ବା ଅର୍ଦ୍ଧତରଳ ଶିଳା ଏବଂ ଏହାର ଆବରଣର ଅଧିକାଂଶ ଭାଗ ଏଥିରେ ଭରା । ଏହା ମୁଖ୍ୟତଃ କଠିନ ଖଣିଜ ପଦାର୍ଥ, ବାଷ୍ପର ଫୋଟକା ଏବଂ ତରଳ ସିଲିକେଟ୍‌ରେ ତିଆରି। ଏହାର ସଂରଚନା ନିର୍ଭର କରେ ଏହାକୁ ସୃଷ୍ଟି କରୁଥିବା ଶିଳା ଏବଂ ତାହା ତରଳିବାର ଅବସ୍ଥା ଉପରେ। ତେବେ ସାଧାରଣ ଭାବେ 'ମାଗ୍‌ମା' ୮ଟି ମୁଖ୍ୟ ମୌଳିକ ଉପାଦାନରେ ତିଆରି । ସେଗୁଡ଼ିକ ହେଲା ଅମ୍ଳଜାନ, ସିଲିକନ୍, ଆଲୁମିନିୟମ୍, ଲୌହ, କ୍ୟାଲ୍‌ସିୟମ୍, ସୋଡିୟମ୍, ମାଗ୍ନେସିୟମ ଏବଂ ପଟାସିୟମ୍।

ୱାଶିଂଟନ୍‌ସ୍ଥିତ 'କାର୍ଣ୍ଣେଗୀ ଇନ୍‌ଷ୍ଟିଚ୍ୟୁଟ ଫର୍ ସାଇନ୍ସ'ର ଗବେଷକମାନେ ଉଦ୍‌ଜାନରେ ସମୃଦ୍ଧ ବାୟୁମଣ୍ଡଳଯୁକ୍ତ ନୂତନ ଭାବେ ସୃଷ୍ଟି ହୋଇଥିବା ସୌରମଣ୍ଡଳ ବାହାର ଶିଳାରେ ତିଆରି ଗ୍ରହମାନଙ୍କରେ କିଛି ମାତ୍ରାରେ ଜଳର ସନ୍ଧାନ ପାଇଛନ୍ତି। ଏପରିକି ଉଚ୍ଚ ତାପମାତ୍ରା ଏବଂ ଚାପ ମଧ୍ୟରେ ଏହା ତହିଁରେ ତରଳ ଅବସ୍ଥାରେ ରହିଛି । ଏହି ଗବେଷକମାନେ କମ୍ପ୍ୟୁଟର ସିମୁଲେଶନ୍ ମାଧ୍ୟମରେ ଆଦ୍ୟକାଳର ପୃଥିବୀରେ ସେହି ଭଳି ଉଦ୍‌ଜାନ ସମୃଦ୍ଧ ବାୟୁମଣ୍ଡଳ ଥିବାର ସମ୍ଭାବନା କଥା ଜାଣିପାରିଛନ୍ତି । ଅତଏବ ଏଥିରେ ମଧ୍ୟ ସେହିପରି ଭାବେ ତହିଁରୁ ଜଳ ସୃଷ୍ଟି ହୋଇଥାଇପାରେ ବୋଲି ମନେକରାଯାଏ। ସେମାନଙ୍କ ମତରେ ଅମ୍ଳଜାନ ମଧ୍ୟରେ ଉଦ୍‌ଜାନ ଜଳିଲେ ତହିଁରୁ ଜଳ ସୃଷ୍ଟିହୁଏ। ନଚେତ୍ ଏ ଦୁଇଟିର ମିଶ୍ରଣରେ ବିଦ୍ୟୁତ୍‌ସ୍ପନ୍ଦନ ପ୍ରୟୋଗ କିମ୍ବା ଯଥେଷ୍ଟ ତାପ ପ୍ରଦାନ ଦ୍ୱାରା ପ୍ରତିକ୍ରିୟା ଆରମ୍ଭ ଲାଗି ଆବଶ୍ୟକ ପରିମାଣରେ ସକ୍ରିୟକାରୀ ଶକ୍ତି ଉତ୍ପନ୍ନ କରିବା ମାଧ୍ୟମରେ ମଧ୍ୟ ତାହା ହୋଇପାରେ। ସମ୍ଭବତଃ ଆଦ୍ୟ ଅବସ୍ଥାରେ ପୃଥିବୀ ଏଥିପାଇଁ ସକ୍ଷମ ଥିଲା । ତେଣୁ ତହିଁରେ ଜଳ ସୃଷ୍ଟି ହେଲା।

ଏହା ବ୍ୟତୀତ ପୃଥିବୀପୃଷ୍ଠରେ ଜଳର ଉତ୍ପତ୍ତିକୁ ନେଇ ଆହୁରି ଅନେକ ମତବାଦ ରହିଛି । ତେବେ, ତହିଁରୁ କୌଣସିଟି ଏହାର ଏକମାତ୍ର ଉତ୍ସ ହୋଇଥିବାର ପ୍ରମାଣିତ ହୋଇ ପାରି ନାହିଁ ।

ମୋ: ୯୯୩୭୩୦୧୪୬୦

## ଏଇ ଭାରତରେ

୮୭ ବର୍ଷ ବୟସ୍କା ଡା. ମାୟା ଟଣ୍ଡନ ସଡ଼କ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରୁଛନ୍ତି। ଏହା ସହ ଦୁର୍ଘଟଣାରେ ପ୍ରାଥମିକ ଚିକିତ୍ସା ଯୋଗାଇ ଲୋକଙ୍କ ଜୀବନ ରକ୍ଷା କରିବା ସମ୍ପର୍କରେ ସେ ଲୋକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ମାୟା ଏବେ ସୁଦ୍ଧା ୧,୩୩,୦୦୦ ଲୋକଙ୍କୁ ପ୍ରଶିକ୍ଷଣ ଦେଇସାରିଲେଣି। 'ସହାୟତା ଟ୍ରଷ୍ଟ' ମାଧ୍ୟମରେ ସେ ଏହି କାର୍ଯ୍ୟ କରୁଛନ୍ତି। ଆନାସ୍ଥେସିଓଲୋଜିଷ୍ଟ ଡା. ମାୟାଙ୍କ ଜନ୍ମ ରାଜସ୍ଥାନର ଆଜ୍‌ମେରରେ। ଜୟପୁରର ସାୱାଇ ମାନ ସିଂ ହସ୍ପିଟାଲରେ କାର୍ଯ୍ୟକରି ୧୯୮୫ରେ ଅବସର ନେବା ପରେ ପାଖାପାଖି ୩୦ ବର୍ଷ ହେବ ସେ ସଡ଼କ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ସଡ଼କ ସୁରକ୍ଷା ଉପରେ ପ୍ରଥମେ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ ରାଜସ୍ଥାନ ପୋଲିସ ଏକାଡେମୀରୁ। ଏହି ଏକାଡେମୀର ଅନୁରୋଧ କ୍ରମେ ସେ ପୋଲିସଙ୍କୁ ପ୍ରଶିକ୍ଷଣ ଦେଇଥିଲେ ଏବଂ ଏହା ଥିଲା ତାଙ୍କର ପ୍ରଥମ ଅଭିଯାନ। ସେ କେବଳ ରାଜସ୍ଥାନରେ ସୀମିତ ରହିନାହାନ୍ତି, ବରଂ ଦେଶର ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଡ଼କ ସୁରକ୍ଷା ଓ ଦୁର୍ଘଟଣାରେ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ମାଗଣାରେ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ଡିସେମ୍ବର ୧୯୭୫

- ମଧ୍ୟପ୍ରଦେଶର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶ୍ୟାମଚରଣ ଶୁକ୍ଳା ଶପଥ ଗ୍ରହଣ କରିଛନ୍ତି।
- ତୈଳ ଓ ପ୍ରାକୃତିକ ଗ୍ୟାସ୍ କମିଶନ ତାଞ୍ଜାନିଆର ସୋଗେ ସଂଘ ଦ୍ୱୀପରେ ତୈଳକୂପ ଖନନ କାର୍ଯ୍ୟ ପରିଚାଳନା କରିବା ନେଇ ଏକ ଚୁକ୍ତି ସ୍ୱାକ୍ଷରିତ।
- ସନ୍ତ୍ରାସବାଦୀ ଗେରିଲାମାନେ ମୁଣ୍ଡ ଜାମିନ ରଖିଥିବା ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକର ସବୁ ମନ୍ତ୍ରୀ ଓ କର୍ମକର୍ତ୍ତାଙ୍କୁ ଖଲାସ କରିଦେଇଥିବା ଅଷ୍ଟ୍ରିଆ ସରକାରଙ୍କ ସୂତ୍ରରୁ ପ୍ରକାଶ।

## ଚିରନ୍ତନୀ

ଅନ୍ତରେ କେତେ କାରଣ ବିହୀନ ବାସନା
ଦେଲା ଲେଖି
ଅର୍ଥବିହୀନ କେତେ ସୁଖ କେତେ ଯାତନା
ହେଲା ସେ କି।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 7 | 1 | 3 | | 9 |
| | | | | 3 | | 7 | | |
| | 9 | | | 4 | | | | |
| | | 4 | 8 | | | | 6 | |
| | | | 9 | | 4 | | | |
| 8 | | | | | | | | |
| 5 | | 3 | | | | 2 | | |
| 4 | | | | | | | 3 | 6 |
| | 1 | 6 | | | 7 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 3 | 8 | 2 | 6 | 9 | 1 | 4 |
| 6 | 4 | 2 | 3 | 1 | 9 | 5 | 8 | 7 |
| 1 | 9 | 8 | 4 | 7 | 5 | 6 | 2 | 3 |
| 7 | 8 | 9 | 1 | 3 | 2 | 4 | 6 | 5 |
| 4 | 6 | 1 | 5 | 9 | 7 | 8 | 3 | 2 |
| 3 | 2 | 5 | 6 | 4 | 8 | 1 | 7 | 9 |
| 2 | 1 | 4 | 9 | 6 | 3 | 7 | 5 | 8 |
| 9 | 5 | 7 | 2 | 8 | 1 | 3 | 4 | 6 |
| 8 | 3 | 6 | 7 | 5 | 4 | 2 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପଶବ୍ଦ ବ୍ୟବହାରକାରୀଙ୍କୁ ଆର୍ଥିକ ଦଣ୍ଡ

ମହାଶୟ,

ଅପଶବ୍ଦର ବ୍ୟବହାରକୁ ରୋକିବା ପାଇଁ ମହାରାଷ୍ଟ୍ରର ଅହିଲ୍ୟାନଗର ଜିଲାର ସୌନ୍ଦଲା ଗ୍ରାମର ସରପଞ୍ଚ ଏକ ଅଭିନବ ଉପାୟ ଆପଣେଇଛନ୍ତି। ଅପଶବ୍ଦ ବ୍ୟବହାରକାରୀଙ୍କୁ ୫୦୦ ଟଙ୍କାର ଜରିମାନା ଦେବାର ଦଣ୍ଡ ବ୍ୟବସ୍ଥା କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଯାହା ଅନ୍ୟ ଅଞ୍ଚଳରେ ମଧ୍ୟ ଲାଗୁ ହେବା ଉଚିତ ବିଶେଷ କରି ଗ୍ରାମାଞ୍ଚଳମାନଙ୍କରେ। କାରଣ ଏବେ ଗାଁକୁ ଗଲେ ପିଲାଦିନର ସ୍ମୃତି ଓ ବର୍ତ୍ତମାନର ଅନୁଭୂତିରେ ଆକାଶ ପାତାଳ ଫରକ ଆସିଯାଇଛି। କାରଣ ତ ଅନେକ ଅଛି, ହେଲେ ପରିବର୍ତ୍ତନର ଶୁଭାରମ୍ଭ ଭାଷା ବ୍ୟବହାରରୁ କଲେ ଭଲ ହେବ। ଲୋକଙ୍କ ଭାଷା ସୁଧୁରିବା ସହିତ କିଛି ରାଜସ୍ୱ ମଧ୍ୟ ଆଦାୟ ହୋଇପାରିବ ।

**-ସ୍ମୃତିରଞ୍ଜିତା, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଯାଜପୁର ଟାଉନ,୨୩।୧୨(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) : ବିଂଝାରପୁର ଥାନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ସ୍ଥାନୀୟ ବାଙ୍ଗରା ଗ୍ରାମର ଗୟାଧର ଜେନା ଅପହରଣ କରିବା ସହ ବଳାତ୍କାର କରିଥିବା ମାମଲାର ସୋମବାର ରାୟ ପ୍ରକାଶ ପାଇଛି । ଯାଜପୁର ଆଡହକ ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ଶରତ କୁମାର ଦେହୁରୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା ଦେବାକୁ ରାୟ ପ୍ରକାଶ କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ବିଂଝାରପୁର ଥାନା ଅଞ୍ଚଳର ଜଣେ +୨ ଛାତ୍ରୀ ପ୍ରତିଦିନ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟକୁ ଆସିଥାଆନ୍ତି । ବାଙ୍ଗରା ଗ୍ରାମର ଗୟାଧର ତାଙ୍କୁ ଏକ କାରରେ ଅପହରଣ କରି ଭଦ୍ରକକୁ ନେଇଯାଇଥିଲେ। ଏ ନେଇ ଯୁବତୀଙ୍କ ବାପା ବିଂଝାରପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୁକ୍ତ ସଂପୃକ୍ତ ଯୁବତୀଙ୍କୁ ଭଦ୍ରକରେ ବିବାହ କରି ତାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବାରମ୍ବାର ବଳାତ୍କାର କରିଆସୁଥିଲେ । ପରେ ଅଭିଯୁକ୍ତ ସଂପୃକ୍ତ ଯୁବତୀଙ୍କୁ ମଧ୍ୟ ପ୍ରଦେଶର ନେଇ ସେଠାରେ ବଳାତ୍କାର କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ବିଂଝାରପୁର ପୋଲିସ ଇନ୍ଦୋରରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲା । କୋର୍ଟ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୭ଲକ୍ଷ ଟଙ୍କା ସହାୟତା ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସ୍ୟୁକୁଟର ପାର୍ଥ ସାରଥୀ ରାୟ ପରିଚାଳନା କରୁଥିଲେ ।

## ଯାଜପୁର ଜିଲା ସ୍କୁଲର ବାର୍ଷିକ ଉତ୍ସବ

ଯାଜପୁର ଟାଉନ,୨୩।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) : ଯାଜପୁର ଜିଲା ସ୍କୁଲର ୧୪୨ତମ ବାର୍ଷିକ ଉତ୍ସବ ଶନିବାର ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଲୋକ କୁମାର ବନ୍ଧଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କ୍ୟାଟ୍‌ର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସଂସ୍କୃତ ଶିକ୍ଷକ ବିଜୟ ଭୂଷଣ ନନ୍ଦ ଶ୍ଳୋକପାଠ କରିଥିଲେ। ସ୍ୱାଗତ ସଂଗୀତ ଗାନ ପରେ ବରିଷ୍ଠ ଶିକ୍ଷକ ଜହିରୁଦ୍ଦିନ୍ ଖାନ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ଭାରତ ସ୍କାଉଟ୍ ଗାଇଡ୍‌ର କୋଷାଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର ମୁଖ୍ୟବକ୍ତା ଭାବେ, ଯାଜପୁରର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ, ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ମିଶ୍ର ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲେ ।

# ପ୍ରତିକୂଳ ପାଗ ସତ୍ତ୍ୱେ ଝୁମିଲେ ଦର୍ଶକ

## ସଦର ମହୋତ୍ସବ ଉଦ୍‌ଯାପିତ

ଯାଜପୁର ସଦର,୨୩।୧୨ (ସମର ବିଜୟ ଶରଣ):

ଯାଜପୁର ବ୍ଲକ କବିରପୁର ଦଶହରା ପଡ଼ିଆରେ ଗତ ୧୭ ତାରିଖଠାରୁ ଆରମ୍ଭ ହୋଇ ୭ ଦିନ ଚାଲିଥିବା ସଦର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଜନିତ ଝିପିଝିପି ବର୍ଷା ପାଗ ସତ୍ତ୍ୱେ ମହୋତ୍ସବର ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଓଡ଼ିଶାର କଳା ସଂସ୍କୃତି ଓ ପାରମ୍ପରିକ ଲୋକନୃତ୍ୟ, ଓଡ଼ିଶୀ, ଆଧୁନିକ ନୃତ୍ୟ ସହ ଲୋକପ୍ରିୟ କଣ୍ଠଶିଳ୍ପୀ ଶିଖା ତ୍ରିପାଠୀ,ଦେବାଶିଷ ମହାନ୍ତି, ତପସ୍ୟା ଓ ବମ୍ବେର ବିଜୟ ଅଜିଜଙ୍କ କଣ୍ଠର ଯାଦୁରେ ଦର୍ଶକ ଭରପୁର ମଜା ଉଠାଇଥିଲେ। ଚଳିତ ବର୍ଷର ସାଜସଜ୍ଜା ଓ ରଙ୍ଗ ବେରଙ୍ଗର ଆଲୋକମାଳା ସାଙ୍ଗକୁ ମୀନାବଜାର ଓ ଉଠାଦୋକାନୀ, ଠାକୁର ଲକ୍ଷ୍ମୀନାରାୟଣଙ୍କ ପୂଜା ମଣ୍ଡପ ଦର୍ଶକଙ୍କୁ ଆକର୍ଷିତ କରିଥିଲା ।

ଉଦଯାପନୀ ଉତ୍ସବରେ ସାମାଜିକ କର୍ମୀ ବ୍ରଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସିନେ ଷ୍ଟାର ବର୍ଷା ପ୍ରିୟଦର୍ଶିନୀ ଯୋଗଦେଇ ସଦର ମହୋତ୍ସବର ଆୟୋଜକଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ସମ୍ମାନୀୟ ଅତିଥି ଭାବେ ଯାଜପୁରର ବିଧାୟିକା ସୁଜାତା ସାହୁ ଯୋଗଦେଇ ମହୋତ୍ସବ ମାଧ୍ୟମରେ ସମାଜରେ ଭାଇଚାରା ସୃଷ୍ଟି ହେବା ସହ ଓଡ଼ିଶାର ସଂସ୍କୃତି ଓ ପାରମ୍ପରିକ ଲୋକକଳାକୁ ଉଜ୍ଜୀବିତ କରିବାର ମାଧ୍ୟମ ବୋଲି ପ୍ରକାଶ କରିଥିଲେ । ଏହି ମହୋତ୍ସବରେ ପୂଜାପାଉଥିବା ପ୍ରଭୁ ଲକ୍ଷ୍ମୀନାରାୟଣଙ୍କ ନିମନ୍ତେ ଏକ ପକ୍କା ଘର ଯୋଗାଇ ଦେବା ପାଇଁ ସରକାରୀସ୍ତରରେ ଚେଷ୍ଟା କରିବେ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଦୀନବନ୍ଧୁ ମଲିକ ପ୍ରମୁଖ ଯୋଗ ଦେଇଥିଲେ।

ଲଘୁଚାପଜନିତ ବର୍ଷା ପାଗ ସତ୍ତ୍ୱେ ଅଭିନେତ୍ରୀ ବର୍ଷାଙ୍କୁ ଦେଖିବା ପାଇଁ ପ୍ରବଳ ଜନଗହଳି ହୋଇଥିଲା । ମହୋତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସଦର ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇ ବ୍ୟାପକ ପୋଲିସ ମୁତୟନ କରିଥିଲେ।। ପ୍ରତିଦିନ ସମୁହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ମହୋତ୍ସବକୁ ଶୃଙ୍ଖଳିତ ତଥା ସରସସୁନ୍ଦର କରିବାରେ ଗଜି ପାଢ଼ୀ ଛକର ମା'ରକ୍ଷାକାଳୀ ବଣିକ ସଂଘର ସମସ୍ତ ସଦସ୍ୟ, ସଭାପତି ବିଜୟ ପାଢ଼ୀ,ସମ୍ପାଦକ ମୋହନ ସୁନ୍ଦର୍ ରାଉତ, ମାଧବ ମାଝି, ରଞ୍ଜନ ପାଢ଼ୀ, ସୁରେନ୍ଦ୍ର ପାଢ଼ୀ,ବିଭୂତି ଭୂଷଣ ନାୟକ,ବିଜୟ ମହାନ୍ତି,ବଳଭଦ୍ର ରାଉତ, ବାଦଲ ରାଉତ, ସୁଧାଂଶୁ ସାମଲ, ଅଶୋକ ସାମଲ, ରାଜେନ୍ଦ୍ର ବେହେରା, ଶ୍ରୀଧର ଜେନା ,ପ୍ରଦୀପ ନାୟକ, ସମରଜିତ୍ ପୃଷ୍ଟି, ଗୌରାଙ୍ଗ ସାମଲ, ସୁଧାକର ସାମଲ, କାଳିନ୍ଦୀ ପଣ୍ଡିତ,ଦେବୁଲା ଭାଇ, ବରୁଆଁ ସରପଞ୍ଚ ଅନାହାର ବାନୋ,ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ,ମହେଶ୍ୱରପୁର ସରପଞ୍ଚ ସୁଜିତ୍ ରାୟ, ଜିଲା ପରିଷଦ ସଭ୍ୟା ସୁନୀତା ରାଉତ, ସମିତି ସଭ୍ୟା ସ୍ମୃତିରେଖା ସାମଲ, ଯୁବନେତା ଅମିୟ ରାଉତ ପ୍ରମୁଖ ସହଯୋଗ କରିଥିଲେ। କମିଟିର ସମ୍ପାଦକ ମୋହନ ସୁନ୍ଦର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।


ସଦର ମହୋତ୍ସବ ଉଦ୍‌ଯାପନୀ ଦିବସରେ ସିନେ ତାରକା ବର୍ଷା ପ୍ରିୟଦର୍ଶିନୀ ଏବଂ ଅନ୍ୟମାନେ ।

# ଯାଜପୁର ପୁସ୍ତକ ମହୋତ୍ସବ ୨୦୨୪ ଉଦ୍‌ଘାଟିତ

ଯାଜପୁର ଟାଉନ,୨୩।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଯାଜପୁର ସହରର କୁସୁମା ପ୍ରାଙ୍ଗଣରେ ସୋମବାର ସନ୍ଧ୍ୟା ସମୟରେ ଚତୁର୍ଦ୍ଦଶ ଯାଜପୁର ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ-୨୦୨୪ ଆରମ୍ଭ ହୋଇଛି। ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଛନ୍ତି। ସଭାପତି ସନ୍ତୋଷ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଓ ଅନନ୍ୟା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଏହି ପୁସ୍ତକ ମହୋତ୍ସବ ଆରମ୍ଭ ହୋଇଛି । ସମ୍ପାଦକ ଡ. କାହ୍ନୁ ଚରଣ ମିଶ୍ର ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଉଦୟନାରାୟଣ ପରିଡ଼ା, ଚଳଚ୍ଚିତ୍ର ପ୍ରଯୋଜକ ପ୍ରିୟରଞ୍ଜନ ମହାନ୍ତି, ବିଶିଷ୍ଟ କଣ୍ଠଶିଳ୍ପୀ କୃଷ୍ଣପ୍ରିୟା ମିଶ୍ର, ଚଳଚ୍ଚିତ୍ର ଅଭିନେତ୍ରୀ ଜ୍ୟୋର୍ତିମୟୀ ମିଶ୍ର ଯୋଗଦେଇ ପୁସ୍ତକ ମହୋତ୍ସବର ପ୍ରଶଂସା କରିଥିଲେ। ଅର୍ପିତା ମିଶ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଦେବେଶ୍ୱର କଲଚରାଲ ଏକାଡେମୀର କଳାକାର ବୃନ୍ଦ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସନ୍ତୋଷ କୁମାର ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଯାଜପୁର ପୁସ୍ତକ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

# ଜିଲାପାଳଙ୍କ ଜନ ଶୁଣାଣି ଶିବିର

**୮୦ ଅଭିଯୋଗ ପଞ୍ଜୀକୃତ**

ଝୁମ୍ପୁରୀ/ଦଶରଥପୁର, ୨୩।୧୨(ସରୋଜ ନାୟକ/ସୁଶାନ୍ତ କୁମାର ବେହୁରିଆ):

ସୋମବାର ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଅଭିଯୋଗଗୁଡ଼ିକୁ ଯାଞ୍ଚ କରିବା ସହ ସେମାନଙ୍କ ସମସ୍ୟାର ସମାଧାନ କରାଯିବା ନିମନ୍ତେ ପ୍ରଶାସନ ସବୁପ୍ରକାର ପଦକ୍ଷେପ ନେବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି । ଏହି ଶିବିରରେ ମୋଟ ୮୦ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୬୦, ସାମୁହିକ ୪, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ନିମନ୍ତେ ୧୦ ଅଭିଯୋଗ ସହ ୬ ଜଣ ଦିବ୍ୟାଙ୍ଗ ଲୋକ ସେମାନଙ୍କ ସମସ୍ୟା ନେଇ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ, ବିଡ଼ିଓ ଆକାଶ ପଟ୍ଟନାୟକ, ତହସିଲଦାର ବିକ୍ରମ କେଶରୀ ପରିଡ଼ାଙ୍କ ସହ ଜିଲାର ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଅବସରରେ ୫ ଜଣ ଭିନ୍ନକ୍ଷମଙ୍କୁ ଶ୍ରବଣ ବାଧିତ ଯନ୍ତ୍ର, ଜଣେ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ସାଇକେଲ ଓ ୨ ଜଣ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିଲା ।



### କଂଗ୍ରେସ କର୍ମୀଙ୍କ କବ୍‌ଜାରେ ଜିଲାପାଳଙ୍କ ଜନଶୁଣାଣି

ଯାଜପୁର ଜିଲାପାଳଙ୍କ ପକ୍ଷରୁ ଦଶରଥପୁର ବ୍ଲକ୍‌ରେ ଜନଶୁଣାଣି ଶିବିର ଚାଲିଥିବାବେଳେ ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି । ହଠାତ୍ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ କରୁଥିବା କଂଗ୍ରେସ ଦଳର କର୍ମୀମାନେ ବ୍ଲକ୍ ଭିତରେ ପଶିଯାଇ ହୋ-ହାଲ୍ଲା କରିବା ସହ ଜନଶୁଣାଣି ଚାଲିଥିବା ସଭାଗୃହକୁ ଧସେଇ ପଶିଥିଲେ । ପରେ ସେମାନେ ବିଭିନ୍ନ ସରକାରୀ ବିରୋଧୀ ସ୍ଲୋଗାନ ଦେବା ସହ ଏହି ଜନଶୁଣାଣି ଶିବିରକୁ ନିଜ କବ୍‌ଜାକୁ ନେଇଯାଇଥିଲେ । ଫଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖିବାକୁ ମିଳିଥିଲା । ଜିଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଏପରି ଅପ୍ରୀତିକର ପରିସ୍ଥିତିକୁ ନେଇ ହତବାକ୍ ହୋଇଯାଇଥିଲେ । ପରେ ଅତିରିକ୍ତ ଜିଲାପାଳ, ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ସେମାନଙ୍କୁ ବୁଝାଶୁଝା କରି ସେମାନଙ୍କ ଦାବୀପତ୍ରକୁ ଗ୍ରହଣ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।

## ୨୯ରୁ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

ଯାଜପୁର ଟାଉନ,୨୩।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ପ୍ରତିବର୍ଷ ପରି ଚଳିତବର୍ଷ ଡିସେମ୍ବର ୨୯ରୁ ୧୬ତମ ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ-୨୦୨୪ ଯାଜପୁର ସହରସ୍ଥ କୁସୁମା ପଡ଼ିଆରେ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ଜିଲା କ୍ରିକେଟ୍ ଆସୋସିଏଶନ୍ ଓ ଏମ୍.ସି.ସି. କ୍ରିକେଟ୍ କ୍ଲବ୍ ମିଳିତ ସହଯୋଗରେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ କାଳୀମେଘାଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ଜିଲା କ୍ରିକେଟ୍ ଆସୋସିଏଶନ୍‌ର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ଟୁର୍ନାମେଣ୍ଟର ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ବରିଷ୍ଠ କ୍ରୀଡ଼ାବିତ୍ ଶ୍ରୀଜୟ ମହାପାତ୍ର, ଆଡ଼ଭୋକେଟ୍ ତଥା କ୍ରୀଡ଼ାବିତ୍ ପାର୍ଥସାରଥି ରାୟ, ସଚ୍ଚିଦାନନ୍ଦ ଜେନା, ମନୋଜ ସାହୁ, ଅଭିଷେକ ଧଳ, ସ୍ୱସ୍ତିକ ପହି, ସେକ୍ ସାହାଜୁଦ୍ଦିନ୍, ଦିବାକର କର, ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ବିଭିନ୍ନ ଜିଲାରୁ ୧୦ କ୍ରିକେଟ୍ ଟିମ୍ ଯୋଗଦେବେ। ଆସନ୍ତା ଜାନୁଆରୀ ୭ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଇଙ୍ଗା ଖଣି କର୍ମଚାରୀଙ୍କ ପକ୍ଷରୁ ସମବାୟ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

କାଳିଆପାଣି,୨୩।୧୨(ଅସିତ ମହାନ୍ତ):

ଇଙ୍ଗା କାଳିଆପାଣି କ୍ରୋମାଇଟ ଖଣିରେ ନିୟୋଜିତ ଠିକାସଂସ୍ଥା ନାରାୟଣୀ ପ୍ରାଇଭେଟ ଲିମିଟେଡ଼ରେ କାର୍ଯ୍ୟ କରୁଥିବା କର୍ମଚାରୀ ସମୂହ ସୋମବାର ସୁକିନ୍ଦା ବିଧାୟକ ତଥା ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଇଙ୍ଗା କ୍ରୋମାଇଟ ଖଣିରେ ଖଣି ଖନନ ଓ କ୍ରୋମ୍ ଉତ୍ତୋଳନ କାର୍ଯ୍ୟ କରୁଥିବା ଠିକାଦାରମାନେ ଶ୍ରମିକ ଶୋଷଣ କରୁଥିବା ନେଇ ଶ୍ରମିକ ସଂଘ ନିକଟରେ ଅଭିଯୋଗ କରି ଆସୁଥିଲେ । ହେଲେ ଶ୍ରମିକମାନଙ୍କ ସମସ୍ୟା ଓ ଦାବି ପ୍ରତି ସଂଘ ଗୁରୁତ୍ୱ ଦେଉ ନ ଥିଲା । ସରକାର ପରିବର୍ତ୍ତନ ପରେ ସ୍ଥାନୀୟ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ବଳସାମନ୍ତଙ୍କ ନିକଟରେ ସମସ୍ତ ସମସ୍ୟା ଓ ଦୁଃଖ କର୍ମଚାରୀମାନେ ଉପସ୍ଥାପନ କରିଥିଲେ। କର୍ମଚାରୀମାନଙ୍କ ଦାବି ଯଥାର୍ଥ ଥିବା ଜାଣି ମନ୍ତ୍ରୀ ବଳସାମନ୍ତ ନାରାୟଣୀ ଆଣ୍ଡ ସନ୍ସ ପ୍ରାଇଭେଟ ଲିମିଟେଡ଼ କମ୍ପାନୀ ସହିତ ଆଲୋଚନା କରି କର୍ମଚାରୀଙ୍କ ସ୍ୱାସ୍ଥ୍ୟବୀମା, ରାତ୍ରକାଳୀନ ଆଲାଉନ୍ସ, ବାର୍ଷିକ ଅଧିକ ୩ଦିନ ଛୁଟି, ଡ୍ରେସ, ରେନ୍ କୋର୍ଟ, ଜଳପାନ ବ୍ୟବସ୍ଥା, ୱାସିଂ ଆଲାଉନ୍ସ ସହ ପ୍ରାୟ ୧୦ରୁ ଉର୍ଦ୍ଧ ଦାବି ତୁରନ୍ତ କର୍ମଚାରୀମାନଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କର୍ମଚାରୀମାନେ ଦାବି ମୁତାବକ ସୁବିଧା ସୁଯୋଗ ପାଇବା ପରେ ଖୁସିବ୍ୟକ୍ତ କରିଥିଲେ । ଆଗାମୀ ଦିନରେ ଭାଜପା ସଙ୍ଗଠନ ସହିତ ମିଶି କାର୍ଯ୍ୟ କରିବେ ବୋଲି କ୍ଷୀରୋଦ ମହାନ୍ତ, ବିଶ୍ୱଜିତ୍ ସ୍ୱାଇଁ, ସଦାଶିବ ଦାସ, ସୋମନାଥ ମହାନ୍ତ, ତରୁଣ ମହାନ୍ତ, ସରୋଜ ସିଂସାମନ୍ତ ପ୍ରକାଶ କରିଥିଲେ। ସୋମବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ ନେତା ଅମଳେନ୍ଦୁ ବେହୁରା, ବିଦ୍ୟାଧର ପାତ୍ର, ପୁଷ୍ପକ ମହାପାତ୍ର, ଭାଗିରଥି ମହାଖୁଡ଼, ଦୁଃଖ ବନ୍ଧୁ ମହାନ୍ତ, ପ୍ରମୋଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।


ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତଙ୍କୁ ଶ୍ରମିକ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

## ଭାଜପାରେ ମିଶିଲେ ଓସ୍ତପାଲ ବେଦାନ୍ତ ଖଣିର ଶ୍ରମିକ, କର୍ମଚାରୀ

କଳିଙ୍ଗନଗର ୨୩।୧୨ (ଶୁଭାଶିଷ ରାଉତ)

ସୁକିନ୍ଦା ନିର୍ବାଚନମଣ୍ଡଳୀର ଓସ୍ତପାଲ ସ୍ଥିତ ବେଦାନ୍ତ (ଫାକର) ଖଣିର ୧୩୫ ଶ୍ରମିକ ଭାଜପାରେ ସାମିଲ ହୋଇଛନ୍ତି। ଟମକାଠାରେ ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସମସ୍ତ ଶ୍ରମିକଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଶ୍ରମିକ ମାନେ ପୂର୍ବରୁ ବିଜେଡିର ସମର୍ଥକ ଭାବେ ରହି ଆସିଥିଲେ ବୋଲି ସୂଚନା ଦିଆଯାଇଛି। ସୁକିନ୍ଦାରେ ଭାଜପା ବିଧାୟକ ଭାବେ ପ୍ରଦୀପ ବଳସାମନ୍ତ ବିଜୟ ଲାଭ କରିବା ପରେ ତାଙ୍କ ନେତୃତ୍ୱ ପ୍ରତି ଶ୍ରମିକମାନଙ୍କ ଆସ୍ଥା ବଢ଼ି ଚାଲିଛି । ସୁକିନ୍ଦା ଖଣି ଅଞ୍ଚଳରେ ଭାଜପାରେ ଗୋଟିଏ ପରେ ଗୋଟିଏ ଖଣି କର୍ମଚାରୀ ସାମିଲ ହେଉଛନ୍ତି। ସାଧାରଣ ନିର୍ବାଚନ ପରେ ସୁକିନ୍ଦା କ୍ରୋମାଇଟ ଖଣି ଅଞ୍ଚଳରେ ଥିବା ବିଜେଡି ସଂଗଠନକୁ ନୂଆ ବିଧାୟକ କରାୟତ୍ତ କରି ଚାଲିଛନ୍ତି । ସୂଚନା ମୁତାବକ ଇତିମଧ୍ୟରେ ଖଣିରେ କାର୍ଯ୍ୟରତ ୧୫୦୦ ରୁ ଅଧିକ ଶ୍ରମିକ ଏବଂ ତାଙ୍କ ପରିବାର ଭାଜପାରେ ସାମିଲ ହୋଇଛନ୍ତି।

## କ୍ରୋମ୍ ନଗର ମହୋତ୍ସବ ଲୋଗୋ ଉନ୍ମୋଚନ




କାଳିଆପାଣି,୨୩।୧୨(ଅସିତ ମହାନ୍ତ):

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳର କ୍ରୋମ୍ ନଗର ଲୋକ ମହୋତ୍ସବର ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରକାର ପରିବର୍ତ୍ତନ ପରେ ଖଣି ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ମହୋତ୍ସବ ହେବ କି ନାହିଁ ଆଶଙ୍କା ଭିତରେ ରହିଥିଲା। ତେବେ ସୁକିନ୍ଦା ବିଧାୟକ ତଥା ସମବାୟ,ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଡ.ପ୍ରଦୀପ ବଳସାମନ୍ତ ସୋମବାର ମହୋତ୍ସବର ଲୋଗୋ ଉନ୍ମୋଚନ କରିବା ପରେ ସବୁ ଆଶଙ୍କାର ପରିସମାପ୍ତି ଘଟିଛି।

ସୋମବାର ଖଣି ନିଗମ କାଳିଆପାଣି ଟାଉନସିପ୍ କଲୋନୀ ପରିସରରେ ଥିବା କମ୍ୟୁନିଟି ହଲରେ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା । ମନ୍ତ୍ରୀ ବଳସାମନ୍ତ ମହୋତ୍ସବ ଲୋଗୋ ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ତହସିଲଦାର ମାନସ ତ୍ରିପାଠୀ , ଭାଜପା ବରିଷ୍ଠ ନେତା ଅମଳେନ୍ଦୁ ବେହୁରା , ବିଦ୍ୟାଧର ପାତ୍ର , ବେଣୁଧର ମହାନ୍ତ ଓ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ସୁକିନ୍ଦା ପ୍ରେସ୍ କ୍ଲବ୍ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ , ସହ ସମ୍ପାଦକ ଅସିତ୍ ମହାନ୍ତ , ବରିଷ୍ଠ ଖବରଦାତା ଲମ୍ବୋଦର ଦଳବେହେରା , ଦୟାନିଧି ମହାନ୍ତ , ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । କ୍ରୋମ୍ ନଗର ମହୋତ୍ସବ ୨୦୨୫ ଜାନୁଆରୀ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମହୋତ୍ସବର ପ୍ରଥମ ଦିନ ସ୍ଥାନୀୟ ଆଦିବାସୀ ନୃତ୍ୟ, ଝୁମର ନୃତ୍ୟ , ସାନ୍ତାଳୀ ନୃତ୍ୟ , ହୋ ନୃତ୍ୟ , ଗୁମରା ନୃତ୍ୟ ଓ ରଙ୍ଗ ବେରଙ୍ଗର ମେଢ଼ ରାଲିରେ ଆସିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି । ସେପରି ୩ ଦିନ ଧରି ସନ୍ଧ୍ୟାରେ ବଲିଉଡ, ଟଲିଉଡ ଓ ବହୁ ନାମୀ ଦାମୀ କଳାକାର ଓ କଣ୍ଠଶିଳ୍ପୀ ମହୋତ୍ସବରେ ନିଜର କଳା ପ୍ରଦର୍ଶନ କରିବେ ବୋଲି ସୂଚନା ମିଳିଛି।

# ଦଶରଥପୁର ବ୍ଲକ୍ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

ଝୁମ୍ପୁରୀ,୨୩।୧୨(ସରୋଜ ନାୟକ):

ଭାରତର ଶାସନ ବ୍ୟବସ୍ଥା ପାଇଁ ସମ୍ବିଧାନ ଲେଖିଥିବା ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଭୀମରାଓ ଆମ୍ବେଡ଼କରଙ୍କୁ ଲୋକସଭାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଯେଉଁ କଟାକ୍ଷ କଲେ ତାହାକୁ ସାରା ଦେଶବାସୀ ଗ୍ରହଣ କରିପାରିନାହାନ୍ତି । ଶାହଙ୍କର ଏପରି କଟାକ୍ଷକୁ ବିରୋଧ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଉପରୁ ମାମଲା ପ୍ରତ୍ୟାହାର ନେଇ ଦଶରଥପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ସୋମବାର ବ୍ଲକ୍ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଏକ ଶୋଭାଯାତ୍ରାରେ କଂଗ୍ରେସ କର୍ମୀମାନେ ବାହାରି ବ୍ଲକ୍ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଭାଜପା ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବାସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ପରେ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । କଂଗ୍ରେସ ନେତା ଦେବେନ୍ଦ୍ର ପଣ୍ଡା, ଦଳର ଯାଜପୁର ବିଧାୟକ ପ୍ରାର୍ଥୀ ସନ୍ତୋଷ ନନ୍ଦ, ବିଂଝାରପୁର ବିଧାୟିକା ପ୍ରାର୍ଥୀ କନକଲତା ମଲିକ, ଜିଲା ଉପସଭାପତି ଭରତ ଚନ୍ଦ୍ର ପରିଡ଼ା, ବ୍ଲକ୍ ସଭାପତି ଶ୍ୟାମସୁନ୍ଦର କର, ସରପଞ୍ଚ ଲିପିକା ମଲିକ ପ୍ରମୁଖ ଦଳୀୟ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ ।

# ଗୋପାଳପୁର ଟସର କ୍ରାଫ୍ଟ ଭିଲେଜ ପାଇଁ ଜମି ଚିହ୍ନଟ

ରସୁଲପୁର,୨୩।୧୨(ରଞ୍ଜିତ ରାଉତ):

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଗୋପାଳପୁର ଗାଁକୁ କ୍ରାଫ୍ଟ ଭିଲେଜ ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଏ ନେଇ ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ବିଭାଗର ପ୍ରତିନିଧିମାନେ କ୍ରାଫ୍ଟ ଭିଲେଜ ପାଇଁ ଜମି ଚିହ୍ନଟ କରିବା ସହ ସେଠାରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପ ଡିଜାଇନ ରିପୋର୍ଟ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି । ବୁଣାକାରମାନଙ୍କ ହିତ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ସଂସ୍ଥା ଓଡିଶା କୋଅପରେଟିଭ୍ ଟସର ସିଲ୍କ ଫେଡରେଶନ୍(ସେରିଫେଡ), ଭୁବନେଶ୍ୱର ପ୍ରତିନିଧି ମଣ୍ଡଳୀଙ୍କ ଦ୍ୱାରା ଡିପିଆର (ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତି ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଛି । ପ୍ରତିନିଧି ମଣ୍ଡଳୀ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରିବା ସହ କ୍ରାଫ୍ଟ ଭିଲେଜ ବଜାରରେ କେଉଁ ସବୁ ପ୍ରକଳ୍ପ ସ୍ଥାନ ପାଇବ ତାକୁ ନେଇ ରିପୋର୍ଟ ପ୍ରସ୍ତୁତି ପାଇଁ ଆଲୋଚନା କରାଯାଇଛି।


ବିଭାଗୀୟ ଅଧିକାରୀମାନେ ଜମିର ସ୍ଥିତି ଅନୁଧାନ କରୁଛନ୍ତି ।

ଗୋପାଳପୁର ହସ୍ତଶିଳ୍ପ ଓ ହସ୍ତତନ୍ତର ଗାଁ ଭାବେ ସୁନାମ ଅର୍ଜନ କରିଛି । ଏହି ଗାଁର ଉତ୍ପାଦିତ ଦ୍ରବ୍ୟ ଗୁଡିକୁ ଜିଆଇ(ଜିଓଗ୍ରାଫିକାଲ ଇଣ୍ଡେକ୍ସ ଅର୍ଥାତ ଭୌଗଳିକ ସୂଚକାଙ୍କ) ମାନ୍ୟତା ଦେବା ପାଇଁ ପ୍ରୟାସ ଜାରି ରହିଛି । ଏଥିପାଇଁ ୨୦୧୮ରୁ ପ୍ରୟାସ ଆରମ୍ଭ ହୋଇଛି । ନିକଟରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, କମିଶନର କମ୍ ସେକ୍ରେଟାରୀ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଯାଜପୁର ଜିଲାର ଉନ୍ନୟନ ପ୍ରସଙ୍ଗରେ ଗୋପାଳପୁରକୁ କ୍ରାଫ୍ଟ ଭିଲେଜ ମାନ୍ୟତା ପ୍ରଦାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉକ୍ତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କଟକ ବୟନ ମଣ୍ଡଳର ଉପ-ନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ଯାଜପୁର ଜିଲା ହସ୍ତଶିଳ୍ପ ବିଭାଗର ସହକାରୀ-ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି, ଜିଲା ଖଣିଜ ପାଣ୍ଠିର ବରିଷ୍ଠ ପ୍ରକଳ୍ପ ଅଧିକାରୀ ଅବିନାଶ ବୈରିଗଞ୍ଜନ, ସେରିଫେଡର ଡିଜାଇନର ଅକ୍ଷୟ କୁମାର ବେଲା, ଆର୍କିଟେକ୍ଟର ଏଆର. ସ୍ୱପ୍ନଜିତ୍ ବେହୁରା, ବୈଷୟିକ ସହାୟକ- କଟକ ବୟନ ମଣ୍ଡଳ ଶ୍ରୀନିବାସ ସୁର, ମନୋରମା ମଲିକ, ରସୁଲପୁର ତହସିଲର ରାଜସ୍ୱ ନିରୀକ୍ଷକ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ଦଳ ୧୬ନଂ.ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମିଶନଶକ୍ତି କାଫେ ନିକଟରେ ପହଞ୍ଚି ଥିଲେ । ଏଠାରେ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକ୍ରୟ କେନ୍ଦ୍ର ନିକଟରେ ଥିବା ସରକାରୀ ଜମିକୁ ଚିହ୍ନଟ କରିଥିଲେ। ଏହି ଅଂଚଳରୁ ଅନ୍ୟୁନ ୪ ରୁ ୫ଏକର ଜମି ଅଧିଗ୍ରହଣ କରାଯିବା ନେଇ ପ୍ରସ୍ତାବ ରଖାଯାଇଛି ।

**ବଗୁଲି ଯୋରରୁ ହୁଲିଡଙ୍ଗା, ଜାଲ ଜବତ**

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ରେଞ୍ଜ ଗୁପ୍ତି ଫରେଷ୍ଟ ବ୍ଲକ ନିକଟ ମହିପୁରା ନଦୀର ବଗୁଲି ଯୋର ମୁହାଣରୁ ବନ ବିଭାଗ ପାଟ୍ରୋଲିଂ ଟିମ୍ ଏକ ହୁଲିଡଙ୍ଗା, ୨ଟି ମନୋଫିଲାମେଣ୍ଟ ଜାଲ ଜବତ କରିଛି। ଭୋରୁ ବଗୁଲି ଯୋରରେ ବେଆଇନ ଭାବେ ମାଛ ଧରୁଥିବା ଖବରପାଇ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ବିଭୂତି ପ୍ରସାଦ ତରାଇଙ୍କ ନେତୃତ୍ୱରେ ପ୍ରକାଶ ଦାସ, ହେମନ୍ତ ମହାରଣା, ବଂଶୀଧର ବେହେରା ପ୍ରମୁଖ ବନ କର୍ମଚାରୀ ୪ ଶହ ଫୁଟର ୨ଟି ମନୋଫିଲାମେଣ୍ଟ ଜାଲ ଓ ହୁଲିଡଙ୍ଗା ଜବତ କରିଥିଲେ। ଅନ୍ଧାର ଥିବାରୁ ଡଙ୍ଗିରେ ଥିବା ମାଛ ଧରାଳି ଫେରାର ହୋଇଯାଇଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଯୌତୁକ ପାଇଁ ନବବଧୂ ହତ୍ୟା ଘଟଣା: ସ୍ୱାମୀ ଗଲେ ଜେଲ୍

ରାଜକନିକା, ୨୩।୧୨ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକା ଥାନା ବଳରାମପୁର ପଞ୍ଚାୟତ ସାତଘରିଆ ଗାଁର ଯୌତୁକ ପାଇଁ ନବବଧୂ ସୋନାଲି ବେହେରାଙ୍କ ହତ୍ୟା ଘଟଣାରେ ସ୍ୱାମୀ ମହେଶ୍ୱର ନାଥଙ୍କୁ ସୋମବାର ଜେଲ ଯିବାକୁ ପଡ଼ିଛି। ଏ ନେଇ ଥାନାରେ ନଂ.୫୨୨/୨୪ରେ ମାମଲା ରୁଜୁ ସହ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ପରେ ମହେଶ୍ୱରଙ୍କୁ ଜେଲ ଯିବାକୁ ପଡ଼ିଛି। ରବିବାର ସନ୍ଧ୍ୟାରେ ସାତଘରିଆ ଗାଁର ମହେଶ୍ୱରଙ୍କ ସ୍ତ୍ରୀ ସୋନାଲି ଶୋଇବାଘରେ ଭିତରପଟୁ କବାଟ ବନ୍ଦକରି ନିଜର ପିନ୍ଧିବା ଶାଢ଼ି ଖୋଲି ବେକରେ ବାନ୍ଧି ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିଲେ। ଏନେଇ ସୋନାଲିଙ୍କ ବାପା ପ୍ରହଲ୍ଲାଦ ବେହେରା ଖବରପାଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବାଲିପାଟଣା ଗାଁରୁ ଆସି ରାଜକନିକା ଥାନାରେ ଝିଅକୁ ଯୌତୁକ ଲାଗି ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ।

### ୨୬ରେ ଅଙ୍ଗନୱାଡି କର୍ମୀଙ୍କ ଧାରଣା

ରାଜନଗର, ୨୩।୧୨ (ଭାସ୍କର ରାଉତରାୟ)

ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ ଓଡ଼ିଶା ଅଙ୍ଗନୱାଡି ଲେଜିଜ ୱାର୍କର ଆସୋସିଏଶନ କେନ୍ଦ୍ରାପଡ଼ା ଜିଲା ରାଜନଗର ଶାଖା ପକ୍ଷରୁ ଆସନ୍ତା ୨୬ ତାରିଖରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ବିକ୍ଷୋଭ ଓ ପ୍ରତିବାଦ ସଭା କରାଯିବ। ଏ ନେଇ ଜିଲା ସମ୍ପାଦକ ପୁଷ୍ପଲତା ରଥ, ବ୍ଲକ ସଭାନେତ୍ରୀ ଲୀଳାବତୀ ବେହେରା, ବନଲତା ମୁଖାଲ, ଅବିଚାରୀ ବାରିକ, ରମାବତୀ ସ୍ୱାଇଁ, ମଞ୍ଜୁବାଳା ମଲିକ, ମିନତି ଭୂୟାଁ, ବିଦ୍ୟୁଲତା ଜେନା, ପ୍ରମିଳା ପ୍ରଧାନ, କାଜଲରାଣୀ ମଣ୍ଡଳ, ବନିତାରାଣୀ ଖଟୁଆ, ନୃପତି ରାଉତ ପ୍ରମୁଖ ରାଜନଗର ସିଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଭାବରେ ଜଣାଇଛନ୍ତି। ସୂଚନାଯୋଗ୍ୟ ଚଳିତମାସ ୧୩ ତାରିଖରେ ଶାଖା ସଂଘ ପକ୍ଷରୁ ସିଡିପିଓଙ୍କୁ କିଶୋରୀମାନଙ୍କ ନିମନ୍ତେ ଅଣ୍ଡା ବାବଦ ଅର୍ଥ ନ ମିଳିବା, ଅଙ୍ଗନୱାଡି କର୍ମୀଙ୍କ ସାମଗ୍ରିକ ଜିନିଷ କିଣା ବାବଦ ବକେୟା ଅର୍ଥ ନ ପାଇବା, କର୍ମୀ ଓ ସହାୟିକାଙ୍କର ୨୦୨୩ ମେ ମାସର ୩ହଜାର ଓ ୪ ହଜାର ୫୦୦ ଟଙ୍କା ଏବଂ ନଭେମ୍ବରର ୫ହଜାର ୫ଶହ ଓ ୩ ହଜାର ଟଙ୍କା ଦରମା ତୁରନ୍ତ ପ୍ରଦାନ କରିବା ସହ ଅବସରକାଳୀନ ସହାୟତା ରାଶି ପ୍ରଦାନ ପ୍ରଭୃତି ଦାବି କରିଛନ୍ତି।

### ଶିରିଡ଼ି ସାଇ ମନ୍ଦିରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୩।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ୍ ଗରାପୁରସ୍ଥିତ ସାଇ ମନ୍ଦିର ପରିସରରେ ଶ୍ରୀଶିରିଡ଼ି ସାଇ ଜନକଲ୍ୟାଣୀ ଟ୍ରଷ୍ଟ ପକ୍ଷରୁ ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସୋମବାର ପାଳିତ ହୋଇଯାଇଛି। ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଳାଧିବାସ, ଶାନ୍ତିହୋମ, ମହାଭିଷେକ, ଆରତି ଆଦି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଏହି ଅବସରରେ ପ୍ରଜ୍ଞାନ ମିଶନର ଅଧ୍ୟକ୍ଷ ପରମହଂସ ପ୍ରଜ୍ଞାନାନନ୍ଦଜୀ ଯୋଗଦେବା ସହ ସହରର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ପରେ ଏଠାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଜନ ଗାୟକ ରବୀନ୍ଦ୍ର କୁମାର ମିଶ୍ର, ବୈଷ୍ଣବ କୈଳାସ, ବିମଳ ପ୍ରସାଦ ପରିଡା ଓ ସାଥୀମାନେ ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଦସ୍ୟମାନେ ପରିଚାଳନା କରିଥିଲେ।

### ରାଜକନିକାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ରାଜକନିକା, ୨୩।୧୨ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ )

ରାଜକନିକା ଥାନରେ ସୋମବାର ନୂତନ ଥାନା ଅଧିକାରୀ ଭାବେ ସଞ୍ଜୟ କୁମାର ମଲ୍ଲିକ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ନିକିରାଇ ଥାନାରେ ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ତେବେ ଦୀର୍ଘଦିନ ପରେ ରାଜକନିକା ଥାନାରେ ନୂତନ ଥାନା ଅଧିକାରୀଙ୍କ ହୋଇଥିବାରୁ ଅଞ୍ଚଳବାସୀଙ୍କ ମନରେ ଖୁସି ଦେଖିବାକୁ ମିଳିଛି। ବିଶେଷକରି ରାଜକନିକା ଅଞ୍ଚଳରେ ଚୋରା କୋଇଲା ଚାଲାଣ, ଚୋରା ମଦ ଓ ଗଞ୍ଜେଇ କରବାର ତଥା ଆଇନି ଶୃଙ୍ଖଳା ପରିସ୍ଥିତିରେ ରୋକ ଓ ସୁଧାର ଆଣିବାକୁ ପ୍ରାଥମିକତା ଦେବେ ବୋଲି ଆଇଆଇସି ମଲ୍ଲିକ ସୂଚନା ଦେଇଛନ୍ତି।

# ପ୍ରତିଶ୍ରୁତିରେ ରହିଯାଇଛି ଶିଳ୍ପ, ବନ୍ଦର ନିର୍ମାଣ

କେନ୍ଦ୍ରାପଡ଼ା, ୨୩।୧୨ (ଜଗନ୍ନାଥ ଧଳ)




- ମେଡିକାଲ କଲେଜ ସ୍ଥାପନକୁ ନେଇ ଏବେ ବି ଆଶଙ୍କା
- ଜଳ ପରିଚାଳନା କୃଷି ଭିତ୍ତିଭୂମିକୁ ନଷ୍ଟ କରୁଛି
- ରାଜନେତା ଓ ପ୍ରଶାସକଙ୍କ ମଧ୍ୟରେ ସମନ୍ୱୟ ନାହିଁ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ଆଖଡ଼ାଶାଳୀ ଗ୍ରାମ ନିକଟ ମହାନଦୀରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ହେବ। ପ୍ରଥମ ପର୍ଯ୍ୟାୟ ନିର୍ମାଣରେ ୨୧୧୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଅନ୍ୟୁନ ୧୫ ହଜାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ପାଇବେ। ୨୦୧୮ ଡିସେମ୍ବର ୮ ରେ କେନ୍ଦ୍ରାପଡ଼ା ଜିଲା ଗସ୍ତ ଅବସରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଇତିମଧ୍ୟରେ ଏହି ଘୋଷଣାକୁ ୬ ବର୍ଷ ବିତିଛି। କେବଳ ଏହି ବନ୍ଦର ନୁହେଁ, ୨୦୦୯ ସାଧାରଣ ନିର୍ବାଚନ ପୂର୍ବର ଏହି ଜିଲା ଅନ୍ତର୍ଗତ ବରୁଣେଇଠାରେ ବନ୍ଦର ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଜିଲାରେ ପାୱାର ଥର୍ମାଲ ପ୍ଲାଣ୍ଟଠାରୁ ଆରମ୍ଭକରି ଷ୍ଟିଲ୍ ପ୍ଲାଣ୍ଟ ପର୍ଯ୍ୟନ୍ତ ଦେଇଥିବା ପ୍ରତିଶ୍ରୁତି ଅଦ୍ୟାବଧି ଗୋଟିଏ ହେଲେ ପୂରଣ ହୋଇନାହିଁ। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ବ୍ୟବସ୍ଥାକୁ ନେଇ ଜିଲାବାସୀ ହନ୍ତସନ୍ତ ହେଉଛନ୍ତି। ଏ ନେଇ ବହୁ ଦାବି ଓ ଆନ୍ଦୋଳନ ପରେ ଗତ ବିଧାନସଭାରେ ମେଡିକାଲ କଲେଜ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ତେବେ ଏହାର ପ୍ରାଥମିକ ପ୍ରକ୍ରିୟା ପ୍ରକଳ୍ପ ସମ୍ପର୍କରେ ତର୍ଜମା ହୋଇନାହିଁ। ପ୍ରଶାସନର ଏପରି ନୀରବତା ମେଡିକାଲ କଲେଜ ସ୍ଥାପନା ବିଳମ୍ବିତ ହେବ ବୋଲି ଆଶଙ୍କା ପ୍ରକାଶ କଲେଣି। ଜଳ ପରିଚାଳନା କୃଷି ଓ କୃଷକଙ୍କ ସ୍ୱପ୍ନକୁ ଧୂଳିସାତ କରୁଛି। ଗତ ସାଧାରଣ ନିର୍ବାଚନରେ ରାଜ୍ୟ ସରକାର ବଦଳିଥିବା ବେଳେ ଜିଲା ରାଜନୀତିରେ ଲୋକ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ଏଥିସହ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ନ ଥିବାରୁ କେନ୍ଦ୍ରାପଡ଼ା ଜିଲା ପଛୁଆ ଉନ୍ନୟନ କ୍ଷେତ୍ରରେ ରହୁଥିବା ଆଲୋଚନା ଆରମ୍ଭ ହୋଇଗଲାଣି।

ଏ ସମ୍ପର୍କରେ ରାଜନୈତିକ ବିଶ୍ଳେଷକ ରାଜେଶ କୁମାର ବେହେରା, ଚିତ୍ତରଞ୍ଜନ ସାହୁ, ନଳିନୀକାନ୍ତ ବେହେରା, ନିହାର ରଞ୍ଜନ ପରିଡ଼ା, କମଳାକାନ୍ତ ଦାଶ ପ୍ରମୁଖ କହିଛନ୍ତି, ଜିଲାର ଲୋକ ସମ୍ବଳ ବିନିଯୋଗ ପାଇଁ ରାଜନେତା ଓ ପ୍ରଶାସକଙ୍କ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। ଜିଲାର ଅର୍ଥନୀତି ବୃଦ୍ଧି ପାଇଁ ଏମାନଙ୍କ ସମନ୍ୱୟ ଜରୁରୀ ହୋଇପଡ଼ିଛି। ଗତ ସାଧାରଣ ନିର୍ବାଚନରେ ଜିଲାରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଶାସନରେ ଥିବା ଭାଜପା ପ୍ରାର୍ଥୀ ଏମ୍‌ପି ଓ ମହାକାଳପଡ଼ା ବିଧାୟକ ପଦ ପାଇଥିବା ବେଳେ ବିଜେଡିରୁ ଅବଶିଷ୍ଟ ବିଧାୟକ ଅଛନ୍ତି। ଏଥିସହ ଜିଲା ପରିଷଦ ଅଧ୍ୟକ୍ଷ ଓ ୯ ବ୍ଲକ୍ ଅଧ୍ୟକ୍ଷ ପଦ ବିଜେଡି ନିକଟରେ ଅଛି। ଜିଲାର କୃଷକ କ୍ଷେତକୁ ଜଳସେଚନ ଓ ନିଷ୍କାସନ ନେଇ ଚିନ୍ତାରେ ଅଛନ୍ତି। କେନାଲ ନବୀକରଣ ହେଉ ଅଥବା ଉପକୂଳ କେନାଲ ଖୋଳାଯାଇ ମଧୁରଜଳ ସଂରକ୍ଷଣ ପାଇଁ କୌଣସି ତତ୍ପରତା ନାହିଁ। ଆଧାତ୍ମିକ ଓ ପରିବେଶ ସମ୍ପର୍କିତ ପର୍ଯ୍ୟଟନ ପାଇଁ ପ୍ରଚୁର ଭିତ୍ତିଭୂମି ଅଛି। ଏହାର ଉନ୍ନତୀକରଣ ହେଉ ନ ଥିବାରୁ ଜିଲାର ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକ ଆସୁନାହାନ୍ତି। ବନ୍ୟା ଓ ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟକୁ ସହ୍ୟ କରୁଥିବା ଏହି ଜିଲାବାସୀ ପଡ଼ୋଶୀ ଶିଳ୍ପ ପ୍ରଦୂଷଣର ଶିକାର ହେଉଛି। ମାତ୍ର ଯୁବବର୍ଗଙ୍କୁ ସେଠାରେ କର୍ମନିଯୁକ୍ତି ମିଳୁ ନ ଥିବାରୁ ଦାଦନ ସମସ୍ୟା ବଢ଼ିଯାଇଛି। ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନାଗମନ, ପାନୀୟ ଜଳ ଆଦି ସମସ୍ୟା ଏବେ ଜିଲାରେ ଉତ୍କଟ ହେଲାଣି। ତେବେ ଏ ସବୁର ପ୍ରତିକାର ପାଇଁ ରାଜନେତା ଓ ପ୍ରଶାସକଙ୍କ ମଧ୍ୟରେ ସମନ୍ୱୟ ବୈଠକ ଏବଂ ଯୋଜନା ସମ୍ପର୍କରେ କୌଣସି ସୁଖବର ନାହିଁ। ଏହା ଜିଲାବାସୀଙ୍କୁ ନିରାଶ କରିଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

## ଏନ୍ ଓ ଏକ୍ସ –୧୧ ଷ୍ଟାର ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରୁଛନ୍ତି।

ରାଜକନିକା, ୨୩।୧୨ (ରବୀନ୍ଦ୍ର କୁମାର ଦାସ)

**ଚରପଡ଼ା ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ**

ରାଜକନିକା ବ୍ଲକ୍ ଚରପଡ଼ା ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଖେଳ ଏନ୍‌ଏନ୍‌ସି –୧୧ ଷ୍ଟାର ଓ ଏନ୍ ଓ ଏକ୍ସ–୧୧ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଏନ୍ ଓ ଏକ୍ସ –୧୧ ଷ୍ଟାର ଟସ୍ ଜିତି ଫିଲ୍ଡିଂ କରିଥିଲା। ଏନ୍‌ଏନ୍‌ସି –୧୧ ଷ୍ଟାର ବ୍ୟାଟିଂକରି ୧୫ ଓଭରରେ ୭ ଉଇକେଟ ହରାଇ ୧୨୨ରନ କରିଥିଲା। ଜବାବରେ ଏନ୍ ଓ ଏକ୍ସ –୧୧ ଷ୍ଟାର ମଧ୍ୟ ୧୨୨ ରନ୍‌କରି ଦୁଇଟି ଦଳ ସମାନ ହୋଇଥିଲା। ଅମ୍ପାୟର ସୁପର ଓଭର ଖେଳ କରିଥିଲେ। ସେଥିରେ ଏନ୍ ଓ ଏକ୍ସ –୧୧ ଷ୍ଟାର ୫ ରନ କରିଥିବାବେଳେ ତା'ର ବିପକ୍ଷରେ ଏନ୍‌ଏନ୍‌ସି –୧୧ ଷ୍ଟାର ୯ ରନ୍ କରି ଚାମ୍ପିୟନ ହୋଇଥିଲା।

ଖେଳରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳାର ଯୁବ ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟବକ୍ତା ଭାବେ ମହାକାଳପଡ଼ାର ଯୁବ ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ସମ୍ମାନିତ ଅତିଥି ଭାବେ ଆଳି ନିର୍ବାଚନମଣ୍ଡଳୀର ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଅନ୍ୟତମ ଅତିଥି ଭାଜପା ଜିଲାର ସାଧାରଣ ସମ୍ପାଦକ ଶୁଭ୍ରରଞ୍ଜନ ସାମଲ, ଓଲିଉଡ୍ ଅଭିନେତ୍ରୀ ପୁନମ ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୭୦ ହଜାର ଟଙ୍କା ଓ ରନର ଅପ୍ ଟିମ୍‌କୁ ଟ୍ରଫି ସହ ୩୫ ହଜାର ଟଙ୍କା ମୁଖ୍ୟ ଅତିଥି ସାହୁ ପ୍ରଦାନ କରିଥିଲେ। ଏହି ଖେଳରେ ବିକାଶ ମାଲିକ ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିବାବେଳେ ସଞ୍ଜୟ ବେହେରା ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଖେଳ ଶେଷରେ ଓଲିଉଡ୍ ଅଭିନେତ୍ରୀ ପୁନମ ମିଶ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଖେଳଟିକୁ ଚରପଡ଼ା ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟର ସମସ୍ତ ସଦସ୍ୟ ସହଯୋଗ କରିବା ସହ ଶାନ୍ତିଶୃଙ୍ଖଳାରେ ସମାପନ କରିଥିବା ଦେଖିବାକୁ ମିଳିଥିଲା।

## ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର, ୧୬୨ ଅଭିଯୋଗ

ଡେରାବିଶ, ୨୩।୧୨ (ବେବର୍ତ୍ତା ଅଜୟ ଦାସ)




ଜନଶୁଣାଣି ଶିବିରରେ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ୍‌ର ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ବ୍ଲକ୍‌ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୬୨ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ସଂଖ୍ୟାଧିକ ସରକାରୀ ଆବାସ ଓ ରାଶନ କାର୍ଡ ସମ୍ବନ୍ଧୀୟ ଅଭିଯୋଗ ରହିଥିବାବେଳେ ଅଳ୍ପ ସଂଖ୍ୟାରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଇତ୍ୟାଦି ସାମିଲ ରହିଥିଲା। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡିଓ ନମିତା ବାରିକ, ତହସିଲଦାର ପ୍ରଜ୍ଞା ପାରମିତା ପୃଷ୍ଟି, ବିଇଓ ଶ୍ରୀକାନ୍ତ ବେହେରା, ସିଡିପିଓ ହରପ୍ରିୟା ଦେବୀ, ଛତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ୍ତରଞ୍ଜନ ବେହେରା, ହରିଅଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡା. ଅମିୟ ରଞ୍ଜନ ରାଉତ, ବ୍ଲକ ସହକାରୀ ଯନ୍ତ୍ରୀ ମନୋଜ କୁମାର ରାଉତ, ବ୍ଲକର ସହକାରୀ କାର୍ଯ୍ୟକାରିଣୀ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ଯନ୍ତ୍ରୀ ଅନୀଲ କୁମାର ମହାନ୍ତ. ଆର୍‌ଡବ୍ଲୁଏସ୍‌ଏସ୍‌ର ଯନ୍ତ୍ରୀ ବିଭୁଦତ୍ତ ଦାସ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର ବିଶ୍ୱାଳଙ୍କ ସମେତ ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ସେମାନେ ହିତାଧିକାରୀମାନଙ୍କଠାରୁ ଅଭିଯୋଗ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ କନକଲତା ପ୍ରଧାନ, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ସମିତିସଭ୍ୟ ସଂଯୁକ୍ତା ଜେନା, ବ୍ଲକ୍ ଗୃହ ନିର୍ମାଣ ସହାୟକ ଦେବେଶ କୁମାର ଓ କର୍ମଚାରୀ ଅନୀଲ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଆଳି ଜାଭିୟର ଇଣ୍ଟରନାଶନାଲ ସ୍କୁଲ୍‌ର ବାର୍ଷିକ ଉତ୍ସବ

ଆଳି, ୨୩।୧୨ (ବନମାଳୀ ସେନାପତି)

ଆଳି ବ୍ଲକ ନିଆଳଠାରେ ଥିବା ଜାଭିୟର ଇଣ୍ଟରନାଶନାଲ ସ୍କୁଲ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଉପଜିଲାପାଳ ନିଲୁ ମହାପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ଓଡ଼ିଶା ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ, ସମ୍ମାନିତ ଅତିଥି ଭାବେ ଆଳି ବିଇଓ ନଳିନୀ ରଞ୍ଜନ ରାଉତରାୟ ଓ ବିଦ୍ୟାଳୟର ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଛାତ୍ରୀଛାତ୍ରମାନେ ଉଚ୍ଚମାନର ଶିକ୍ଷା ଲାଭକଲେ ଦେଶର ବିକାଶ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ତାଙ୍କ ଅଭିଭାଷଣରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଭାଗନେଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ହୁଏ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ଗୀତ, ଓଡ଼ିଆ ଓ ଇଂରାଜି ଡ୍ରାମା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପିଲାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ସ୍କୁଲର ଡାଇରେକ୍ଟର ଜୟଶ୍ରୀ ପଣ୍ଡା, ଅଧ୍ୟକ୍ଷା ମାନସୀ ସାହୁ, ବିଦ୍ୟାଳୟ ଉପଦେଷ୍ଟା ବୈଦ୍ୟନାଥ ମହାନ୍ତି, ଅଧ୍ୟାପକ ଅର୍ଜୁନ ବିଶ୍ୱାଳ ଯୋଗଦେଇଥିଲେ। ଅଧ୍ୟକ୍ଷା ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହାକୁ ବିଦ୍ୟାଳୟ ପ୍ରଶାସକ ସ୍ୱାଧୀନ ଦାସ ସଞ୍ଚାଳନ କରିଥିବା ବେଳେ ଉଦ୍‌ଘୋଷକ ରୂପେ ଯଶୋବନ୍ତୀ ଦାସ ଓ ସ୍ୱପ୍ନା ଶୁଭଦର୍ଶନୀ ପ୍ରଧାନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଶେଷରେ ଉପାଧ୍ୟକ୍ଷ ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଜାତୀୟ ଉଦ୍ୟାନରେ କଇଁଛ ସୁରକ୍ଷା ସଚେତନତା ଶିବିର

ରାଜନଗର, ୨୩।୧୨ (ଭାସ୍କର ରାଉତରାୟ)

ରାଜନଗର ବନଖଣ୍ଡ ଅଧୀନ କନିକା ରେଞ୍ଜ୍ କାର୍ଯ୍ୟାଳୟରେ ସାମୁଦ୍ରିକ କଇଁଛ ସୁରକ୍ଷା ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗବେଷକ ପ୍ରସନ୍ନ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ଯୋଗଦେଇ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କୁ କିପରି ସୁରକ୍ଷା ଦିଆଯିବ, ଏନେଇ ଟ୍ରଲର, ବୋଟ୍ ମାଲିକ ଓ ମତ୍ସ୍ୟଜୀବୀମାନଙ୍କୁ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଣୀ ବୈଜ୍ଞାନିକ ଡ. ଶିବ ପ୍ରସାଦ ପରିଡା ଅଲିଭ୍ ରିଡ୍‌ଲେ କଇଁଛଙ୍କ ଉପରେ ଉପାଦେୟ ଓ ଉପକାରିତା ସମ୍ବନ୍ଧରେ ତଥ୍ୟ ଉପସ୍ଥାପିତ କରିଥିଲେ। ସହକାରୀ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଶିବିରରେ ତାଳଚୁଆ ଟ୍ରଲର ମାଲିକ, ବୋଟ୍ ମାଲିକ ଓ ପାରମ୍ପରିକ ମତ୍ସ୍ୟଜୀବୀମାନେ ଯୋଗଦେଇଥିଲେ। ଏହାକୁ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ନବୀନ କୁମାର ମଲିକ, ଲକ୍ଷ୍ମୀଧର ବାରିକ, ଫରେଷ୍ଟ ଗାର୍ଡ ସୁନୀଲ ରଞ୍ଜନ ରାଉତରାୟ, ବବୁଲ ପରିଡ଼ା, ଶୁଭ୍ରଜିତ୍ ଖୁଣ୍ଟିଆ ପ୍ରମୁଖ ବନ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ଗହୀରମଥାରୁ ଟ୍ରଲର ଜବତ, ୧୭ ମତ୍ସ୍ୟଜୀବୀ ଗିରଫ



ରାଜନଗର, ୨୩।୧୨ (ଭାସ୍କର ରାଉତରାୟ)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବନ ବିଭାଗ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୧୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ସମେତ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗହୀରମଥା ନିଷିଦ୍ଧାଞ୍ଚଳରେ ପଇଁତରା ଦେଉଥିବା ବେଳେ ଏକକୁଳା ନିକଟରେ ମା'ଲକ୍ଷ୍ମୀ–୮୮ ନାମକ ଟ୍ରଲରକୁ ଜବତ କରିଥିଲେ। ଏଥିରେ ଥିବା ଶ୍ରୀମନ୍ତ ମଣ୍ଡଳ, ରତନ କୁମାର ଖମାରି, ଭବେଶ କୁମାର ସିଂ, ସହିଆ ସିଂ, ବାଇଧର ସିଂ, ଜୟଦେବ ବେହେରା, ରବି ମାଝି, ଅମଜାଦ ଅଲ୍ଲୀ ଖାଁ, ଟୁନୁରାମ ମାରାଣ୍ଡି, କାର୍ତ୍ତିକ ମଲିକ, ଗଣେଶ ମଲିକ, ସୁଦର୍ଶନ ମଲିକ, ସପନ ଖମାରୀ, ସୁବାସ ଦାସ, ଅରୁଣ ମଲିକ, ଖୋକନ ସିଂ, ଟୁନାକାନ୍ତ ମଲିକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ଭିଏଚଏଫ ୪ଟି, ଜିପିଏସ୍ ୧ଟା, ଟ୍ରଲିଂ ନେଟ ୩ଟି, ସାମୁଦ୍ରିକ ମାଛ ୧୫ କୁଇଣ୍ଟାଲ, ୬ଟି ମୋବାଇଲ ଫୋନ ଜବତ କରାଯାଇଥିବା ନେଇ ବନ ବିଭାଗ ସୂଚନା ଦେଇଛି।

## ପ୍ରଥମ ହୋଇଥିବା ପଟ୍ଟାମୁଣ୍ଡାଇର ପ୍ରାଣତୋଷଙ୍କୁ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ, ୨୩।୧୨ (କଳ୍ପତରୁ ନାୟକ)

**ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ**

ବରଗଡ଼ ଜିଲା ବରପାଲି ବାଳକ ହାଇସ୍କୁଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗଙ୍ଗାରାମପୁର ହାଇସ୍କୁଲର କୁନି ବୈଜ୍ଞାନିକ ପ୍ରାଣତୋଷ ପ୍ରଧାନଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ କବିଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପଟ୍ଟାମୁଣ୍ଡାଇ ବିଇଓ ହରିହର ଦଳାଇ ମୁଖ୍ୟ ଅତିଥି, ସାଧନ କେନ୍ଦ୍ର ସଂଯୋଜକ ମଳୟ କୁମାର ଜେନା, ପ୍ରଦୀପ କୁମାର ତରାଇ, ରଞ୍ଜନ କୁମାର ସାହୁ, ଲୋକନାଥ ନାୟକ, ଆଶିଷ କୁମାର ମହାପାତ୍ର, ରଞ୍ଜନ କୁମାର ବେହେରା, ସାମାଜିକ କର୍ମୀ ପ୍ରମୋଦ ଗାହାଣ, ସିଦ୍ଧ ପରମହଂସ ନୋଡାଲ ସ୍କୁଲ ସଭାପତି ଅପର୍ଣ୍ଣା ତରାଇ, ବରିଷ୍ଠ ଶିକ୍ଷକ ଅଭୟ କୁମାର ମହାରଣା, ବିଜ୍ଞାନ ଶିକ୍ଷକ ଭରତ ଚନ୍ଦ୍ର ସ୍ୱାଇଁ, ଶିଶିର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବିଇଓ ଦଳାଇ କୁନି ବୈଜ୍ଞାନିକ ପ୍ରାଣତୋଷ ଓ ବିଜ୍ଞାନ ଶିକ୍ଷକ ଭରତ ଚନ୍ଦ୍ର ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟସ୍ତରରେ ପ୍ରଥମ ହୋଇ ଜୋନ୍‌ସ୍ତରକୁ ମନୋନୀତ ହୋଇଥିବା କୁନି ବୈଜ୍ଞାନିକ ପ୍ରାଣତୋଷଙ୍କୁ ଜାନୁଆରୀ ୭, ୮, ୯ ତାରିଖରେ ହେବାକୁଥିବା କଲିକତା ବିଆଇଟିଏମ୍ ଜୋନ୍‌ସ୍ତରର ସଫଳତା ହାସଲ ପାଇଁ ଉତ୍ସାହିତ କରିଥିଲେ। ଏହି ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ବଙ୍ଗାଳି ଚରଣ ତରାଇ, ସମସ୍ତ ଶିକ୍ଷକ କର୍ମଚାରୀ ଯୋଗଦେଇଥିଲେ। ଏଥିପାଇଁ ବିଭିନ୍ନ ମହଲରୁ ପ୍ରାଣତୋଷଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଗଙ୍ଗାରାମପୁର ହାଇସ୍କୁଲ ଦଶମ ଶ୍ରେଣୀର ଛାତ୍ରୀ ସୁଚିତ୍ରା ତରାଇ ଜିଲା ଓଷ୍ଟା ଦ୍ୱାରା ପରିଚାଳିତ ଶିଶୁ ମହୋତ୍ସବରେ ଏକକ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବକୁ ମନୋନୀତ ହୋଇ ଗଙ୍ଗାରାମପୁର ହାଇସ୍କୁଲ ପାଇଁ ଗୌରବ ଆଣିଦେଇଛନ୍ତି।

## ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଗଣଧାରଣା



ଧାରଣାରେ ସାମିଲ ହୋଇଥିବା ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର କର୍ମକର୍ତ୍ତାମାନେ।

କେନ୍ଦ୍ରାପଡ଼ା, ୨୩।୧୨ (ଜଗନ୍ନାଥ ଧଳ)

ବିଭିନ୍ନ ଦାବି ଉପସ୍ଥାପନକରି ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ସହରର କଜଳାସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣଧାରଣା ଦିଆଯାଇଛି। ଏ ସମ୍ପର୍କରେ ଜିଲା ଶାଖାର କର୍ମକର୍ତ୍ତା ରାଜୀବ ମହାନ୍ତି କହିଛନ୍ତି, ଟାଟା ପାୱାର ଦ୍ୱାରା ନିଯୁକ୍ତ ଅନଭିଜ୍ଞ ପରିଚାଳକଙ୍କ ଶ୍ରମିକ ମାରଣ ନୀତି ପାଇଁ ଶ୍ରମିକ କର୍ମଚାରୀ ଅବହେଳିତ। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଓପିଟିସିଏଲ୍‌ର ବିଭାଗୀୟ ବିଜ୍ଞପ୍ତି ପରେ ମଧ୍ୟ କାର୍ଯ୍ୟରତ ବିଦ୍ୟୁତ୍ ଶ୍ରମିକଙ୍କ ବକେୟ, ନୂତନ ମଜୁରି ଓ କ୍ୟାଡର ରିଆରେଞ୍ଜମେଣ୍ଟର ସୁବିଧାରୁ ବୈଷୟିକ ତାଲିମ ପ୍ରାପ୍ତ କର୍ମଚାରୀଙ୍କୁ ବଞ୍ଚିତ ରଖିବା, ବାରମ୍ବାର ଶ୍ରମ ବିଭାଗର ଦ୍ୱାରସ୍ଥ ହେବା ପରେ ସୁଫଳ ନ ମିଳିବା, ବିଦ୍ୟୁତ୍ କର୍ମଚାରୀଙ୍କୁ ଛୋଟ ଛୋଟ କାରଣରେ ଚାକିରିରୁ ଛଟେଇ କରିବା ଭଳି ଘୃଣ୍ୟ କାର୍ଯ୍ୟ ହେଉଛି। ସେହିପରି ସମସ୍ତ ଛଟେଇ କର୍ମଚାରୀଙ୍କୁ ତୁରନ୍ତ ଥଇଥାନ କରିବା ତଥା ଖାଲି ପଡ଼ିଥିବା ପଦବୀରେ ତୁରନ୍ତ ନୂଆ ନିଯୁକ୍ତି ଭଳି ମୁଖ୍ୟ ଦାବି ରଖାଯାଇଛି। ଅମର କୁମାର, ପ୍ରତାପ ସିଂହ, ପ୍ରିୟବ୍ରତ ନାୟକ ପ୍ରମୁଖ ଗଣଧାରଣାର ନେତୃତ୍ୱ ନେଇଛନ୍ତି।

## ଜିଲାସ୍ତରୀୟ କର୍ମଶାଳା, ମିଳିତ ଜନଶୁଣାଣି ଶିବିର

ମାର୍ଶାଘାଇ, ୨୩।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ସୁଶାସନ ସପ୍ତାହ ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ କୁହୁଡି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ କର୍ମଶାଳା ଆୟୋଜନ ସହ ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ାର ପୂର୍ବତନ ଜିଲାପାଳ ତଥା ବର୍ତ୍ତମାନ ଓଡ଼ିଶା ବିଧାନସଭା ସଚିବ ଦାଶରଥୀ ଶତପଥୀ ଯୋଗଦେଇ ସୁଶାସନ ସପ୍ତାହ ପାଳନ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ସରକାର ଯୋଗାଇ ଦେଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା କେମିତି ଲୋକଙ୍କ ପାଖରେ ପହଞ୍ଚିବ, ଲୋକମାନଙ୍କ ସାମାଜିକ, ଆର୍ଥିକ ବିକାଶ କିଭଳି ଉନ୍ନତି ହେବ, ପୂରା ବ୍ୟବସ୍ଥାର ଲାଭ କେମିତି




କର୍ମଶାଳାରେ ବିଧାନସଭା ସଚିବ ଦାଶରଥି ଶତପଥୀ ଓ ପ୍ରଶାସନିକ ଅଧିକାରୀମାନେ।

**୨୯୩ ଅଭିଯୋଗ, ସାମୂହିକ ୨୭**

ପାଇପାରିବେ ତାହା ଉପରେ ଉପସ୍ଥିତ ଲୋକମାନଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର ପ୍ରଧାନ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ବ୍ଲକ୍ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ତହସିଲଦାର ଶ୍ରୀକାନ୍ତ ପରିଜା, ବିଡିଓ ପଞ୍ଚାନନ ମଲ୍ଲିକ, କୁହୁଡ଼ି ସରପଞ୍ଚ ପ୍ରଭାତ ଦାସ, ସଭ୍ୟା ଗୌରୀ ମହାରଣା ମଞ୍ଚାସୀନ ଥିଲେ। ପରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୯୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ୨୭ ଟି ସାମୂହିକ ହୋଇଥିବା ବେଳେ ବାକି ସବୁ ବ୍ୟକ୍ତିଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଆବାସ ଯୋଜନାରେ ଘର, ରାଶନ କାର୍ଡ, ଭତ୍ତା ଆଦି ମୁଖ୍ୟ ଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ଜାତୀୟ ରାଜପଥର କାନପୁର ଛକଠାରୁ ବାଘଡ଼ିଆ ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣଓ ଗୋବରୀ ନଦୀରୁ ଦଳ ସଫା, କୁହୁଡି ପଞ୍ଚାୟତର ଠାଉରି ଗ୍ରାମ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର, ଗ୍ରାମ ରାସ୍ତା ଅସମ୍ପୂର୍ଣ୍ଣକୁ ଶୀଘ୍ର ସାରିବାକୁ ଦାବି ହୋଇଥିଲା।

# ପଠାଣି ସାମନ୍ତ ବିଶ୍ୱରେ ଜଣେ ବିଶିଷ୍ଟ ଜ୍ୟୋତିର୍ବିଦ୍

## ପଠାଣି ସାମନ୍ତଙ୍କ ଜନ୍ମ ମାଟିରେ ଜୟନ୍ତୀ

**ଖଣ୍ଡପଡ଼ା,୨୩।୧୨ (ଅଜୟ କୁମାର ମହାରଣା)**



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଠାଣି ସାମନ୍ତ ମେମୋରିଆଲ ପରିଷଦର ମିଳିତ ଆନୁକୂଲ୍ୟରେ ସୋମବାର ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ୧୯୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ତିଥି ଅନୁଯାୟୀ ଓ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ପଠାଣି ସାମନ୍ତ ମେମୋରିଆଲ ପରିଷଦର ସମ୍ପାଦକ ତଥା ପୁସ୍ତକକାର ଗିରିଜା ଶଙ୍କର ତରାସିଆ ଅଧକ୍ଷତା କରି ପଠାଣି ସାମନ୍ତଙ୍କ ଜୀବନୀ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ଖଣ୍ଡପଡ଼ା ବ୍ଲକ ଅଧକ୍ଷା ସୀତା ସ୍ୱାଇଁ ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଠାଣି ସାମନ୍ତ ମେମୋରିଆଲ ପରିଷଦର ମିଳିତ ସହଯୋଗରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ହରିହର କାନୁନ୍‌ଗୋ ଯୋଗଦେଇ ପଠାଣି ସାମନ୍ତଙ୍କ ସୁଦୁରପ୍ରସାରୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡ଼ା ପଠାଣି ସାମନ୍ତ ସାରା ବିଶ୍ୱରେ ଜଣେ ବିଶିଷ୍ଟ ଜ୍ୟୋତିର୍ବିଦ୍ ଥିଲେ। ସାମନ୍ତ ଚନ୍ଦ୍ର ଶେଖର ଦୁଇଖଣ୍ଡି ବାଉଁଶ ନଳୀ ସାହାଯ୍ୟରେ ଗ୍ରହ ନକ୍ଷତ୍ରର ଗତିବିଧି ଲକ୍ଷ୍ୟ କରି ପାରୁଥିବା ବେଳେ ଦୂର ପାହାଡ଼କୁ ମାପି ତାହାର ଉଚ୍ଚତା ନିରୂପିତ କରି ପାରୁଥିଲେ। ସେ ସିଦ୍ଧାନ୍ତ ଦର୍ପଣ ରଚନା କରିଥିଲେ। ଗଭୀର ଆତ୍ମ ବିଶ୍ୱାସରୁ ତାଙ୍କୁ ସଫଳତା ମିଳିଥିଲା। ପଠାଣି ସାମନ୍ତ ଥିଲେ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ। ଏଭଳି ଜଣେ ପ୍ରତିଭାବାନ ବ୍ୟକ୍ତି ଖଣ୍ଡପଡ଼ା ମାଟିରେ ଜନ୍ମ ଗ୍ରହଣ କରି ସାରା ବିଶ୍ୱବାସୀଙ୍କୁ ଦିଗ୍ ଦର୍ଶନ ଦେଇଥିଲେ। ଏଭଳି ଜଣେ ଯୋଗଜନ୍ମା ପୁରୁଷଙ୍କ ଯୋଗୁ ଖଣ୍ଡପଡ଼ା ମାଟି ଆଜି ଧନ୍ୟ ହୋଇଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାରତୀ ଭୂଷଣ ମିଶ୍ର, ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ସାମାମଜିକ ରମାକାନ୍ତ ସେଠୀଙ୍କ ସମେତ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଯୋଗଦେଇ ସାମନ୍ତଙ୍କ ଗୁଣଗାନ କରିଥିଲେ। ସମଗ୍ର ବିଶ୍ୱବାସୀଙ୍କୁ ନଭୋବିଜ୍ଞାନ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିବା ପଠାଣି ସାମନ୍ତ ଥିଲେ ଅସାଧାରଣ ପ୍ରତିଭାର ଅଧିକାରୀ ବୋଲି ସମସ୍ତ ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ଖଣ୍ଡପଡ଼ା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶିଶୁ ଉତ୍ସବରେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଥିବା କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମହିଳା ମହାବିଦ୍ୟାଳୟର ଅଧାପିକାଅଧାପକ ଓ ଛାତ୍ରୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଯଦୁମଣିଙ୍କ ସାରସ୍ୱତ କାବ୍ୟ ସମ୍ଭାରକୁ ନେଇ ୱେବିନାର

**ନୟାଗଡ, ୨୩।୧୨(ଲୋକନାଥ ମିଶ୍ର)**



ଆମ ଐତିହ୍ୟ, ଆମ ଅସ୍ମିତା ଉପରେ ରୀତି ଯୁଗୀୟ ସାହିତ୍ୟ ଓ ଉତ୍କଳ ଘଣ୍ଟ ତଥା ଆଶୁକବି ଯଦୁମଣି ମହାପାତ୍ରଙ୍କ କାବ୍ୟ ସମ୍ଭାର ଉପରେ ଏକ ୱେବିନାର ଚେନ୍ନାଇର ସୃଜନୀ ପରିବାର ଆନୁକୂଲ୍ୟରେ ଆଭାସୀ ମାଧମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ, ଐତିହାସିକ, ସଂସ୍କୃତି ଗବେଷକ ତଥା ପୂର୍ବତନ ଅଧକ୍ଷ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସାରଳା ଦାସ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସଂସ୍କୃତି ଗବେଷକ ଡ. କୈଳାସ ବାଣ୍ଡ, ନିର୍ଦ୍ଦେଶକ ବୀର କଳିଙ୍ଗ ତଥା କବି ଯଦୁମଣିଙ୍କ ଉତ୍ତର ଦାୟାଦ ରୋହନ୍ ମହାପାତ୍ର ପ୍ରମୁଖ ଆଭାସୀ ସଭାରେ ଉପସ୍ଥିତ ରହିଥିଲେ। ସେମାନେ ରୀତି ଯୁଗୀୟ ସାହିତ୍ୟ ଓ ଉତ୍କଳ ଘଣ୍ଟ ତଥା ଆଶୁକବି ଯଦୁମଣି ମହାପାତ୍ରଙ୍କ କାବ୍ୟ ସମ୍ଭାର ରାଘବ ବିଳାସ, ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର ସହ ଅନେକ ଚଉପଦୀ ଓ ଅନ୍ୟାନ୍ୟ ସାରସ୍ୱତ କୃତୀକୁ ପ୍ରସଙ୍ଗ କରି ଆଲୋଚନା କରିଥିଲେ। ସେହିପରି କବି ଯଦୁମଣିଙ୍କ ସାରସ୍ୱତ ସମ୍ଭାର ଓଡ଼ିଆ ସାହିତ୍ୟ ଭଣ୍ଡାର ଋଦ୍ଧିମନ୍ତ କରିବା ପ୍ରସଙ୍ଗରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ଯଦୁମଣି ସାହିତ୍ୟର ଆଦର ବଢୁଥିବାରୁ ଶହେ ବର୍ଷ ପାଇଁ ସାହିତ୍ୟ ସାଧନାର ଉତ୍ସ ରୂପେ ଯଦୁମଣି ସାହିତ୍ୟ ଗ୍ରହଣୀୟ ବୋଲି ଆଲୋଚକମାନେ ଦୃଢୋକ୍ତି ପ୍ରକାଶ କରିଥିଲେ। ସୃଜନୀ ପରିବାରର ସମ୍ପାଦକ ଅଶୋକ କୁମାର ସାମନ୍ତ ଅତିଥି ପରିଚୟ ପ୍ରଦାନ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୃଜନୀ ପରିବାରର ମୁଖ୍ୟ ଉପଦେଷ୍ଟା ଆଶୁତୋଷ ସାମନ୍ତସିଂହାର, ଉପଦେଷ୍ଟା ତଥା ସାରସ୍ୱତ ସାଧୁକା ବାସନ୍ତୀ ମହାନ୍ତି, ଉପଦେଷ୍ଟା ପ୍ରଫେସର ଗୋଦାବରୀଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୃଜନୀ ପରିବାରର ଆବାହକ ଇଂ. ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଞ୍ଚାଳକ ଇଂ. ଶଶୀକାନ୍ତ ରାଜଗୁରୁଙ୍କ ସଞ୍ଚାଳନାରେ କରିଥିଲେ। ଚଳଚ୍ଚିତ୍ର ତଥା ପ୍ରସାର ଭାରତୀର ବରିଷ୍ଠ କଣ୍ଠଶିଳ୍ପୀ ନବକିଶୋର ମିଶ୍ର, କଣ୍ଠଶିଳ୍ପୀ ଜ୍ୟୋର୍ତିମୟୀ ତ୍ରିପାଠୀ ଏବଂ ପ୍ରସାର ଭାରତୀର ସ୍ୱୀକୃତି ପ୍ରାପ୍ତ କଣ୍ଠଶିଳ୍ପୀ ବିଦ୍ୟୁତ୍‌ପ୍ରଭା ପଟ୍ଟନାୟକ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ସଭା ଶେଷରେ ସମ୍ପାଦକ ଅଶୋକ ସାମନ୍ତଙ୍କ ଧନ୍ୟବାଦ ଦେଇଥିଲେ।

# ନୂଆ ଚିନିକଳ ସ୍ଥାନ ଚୟନରେ କଚ୍ଛପ ଗତି

**ନୟାଗଡ଼,୨୩।୧୨(ଲୋକନାଥ ମିଶ୍ର)**

- ରାସୋଳ ମୌଜାରେ ଚିନିକଳ ସ୍ଥାପନ ପାଇଁ ପରାମର୍ଶକୁ ଅଣଦେଖା
- ଚିନିକଳ ମିଳିତ କ୍ରୀୟାନୁଷ୍ଠାନ କମିଟିର ଉଦ୍‌ବେଗ

ନୟାଗଡ଼ ପାଣିପୋଇଲାସ୍ଥିତ ଚିନିକଳର ଭାଗ୍ୟ ଅଦାଲତରେ ବିଚାରାଧୀନ ଥିବାବେଳେ ନୂଆ ଚିନିକଳ ପାଇଁ ସ୍ଥାନ ଚୟନ କରିବାରେ ପ୍ରଶାସନର କଚ୍ଛପଗତିକୁ ନେଇ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ନୂଆ ଚିନିକଳର ସ୍ଥାନ ଚୟନ ନେଇ ପୁରୁଣା ଚିନିକଳ ସଂଲଗ୍ନ ମୌଜା ରାସୋଳ ଖାତା ନଂ. ୨, ପ୍ଲଟ ନଂ. ୧,୨ ଓ ୩ ମୋଟ ୧୧୧. ୩୭ର ସ୍କେଚ ମ୍ୟାପ ଜିଲାପାଳଙ୍କୁ ଚିନିକଳ କ୍ରିୟାନୁଷ୍ଠାନ କମିଟି ଗତ ସେପ୍ଟେମ୍ବର ୨୬ରେ ପ୍ରଦାନ କରିଥିଲା। ପୁନର୍ବାର ଗତ ୩ ତାରିଖରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ କମିଟି ସାକ୍ଷାତ କରି ଚିନିକଳ ନେଇ ଆଲୋଚନା କରିଥିଲେ। ତେବେ ନୂଆ ଚିନିକଳ ନେଇ ଜିଲା ପ୍ରଶାସନ କୌଣସି ଲିଖିତ ପ୍ରସ୍ତାବ ଦେଇ ନ ଥିବା ଜଣାପଡ଼ିବା ପରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ନୂଆ ଚିନିକଳ ନେଇ ଚିନିକଳ କ୍ରିୟାନୁଷ୍ଠାନ ଜିଲା ପ୍ରଶାସନକୁ ଭେଟିଥିଲେ ମଧ୍ୟ ଜିଲା ପ୍ରଶାସନର କୌଣସି ପଦକ୍ଷେପ ନାହିଁ। ଏଭଳିସ୍ଥଳେ ନୂଆ ଚିନିକଳର ଦାବିକୁ ତ୍ୱରାନ୍ୱିତ ପାଇଁ ଚିନିକଳ କ୍ରିୟାନୁଷ୍ଠାନ କମିଟିର ପୁର୍ନଗଠନ କରାଯାଇଛି। ସଭାପତି ଭାବେ ମନୋଜ କୁମାର ସାହୁ, ଉପସଭାପତି ଭାବେ ଲକ୍ଷ୍ମୀଧର ସାହୁ, ସମ୍ପାଦିକା ଭାବେ ଲଳିତା କୁମାରୀ ଦାସ, ସହ ସମ୍ପାଦକ ଭାବେ କାଳୁ ଦଳବେହେରା ଏପରି ଏକ ୧୫ ଜଣିଆ କମିଟି ଗଠନ କରାଯାଇଛି। ପ୍ରକାଶ ଯେ, ଚିନିକଳର ପୁନରୁଦ୍ଧାର ପାଇଁ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଓ ନୟାଗଡ଼ ସୁଗାର କମ୍ପ୍ଲେକ୍ସର ଡେପୁଟି ଡାଇରେକ୍ଟର ସବ୍ୟସାଚୀ ମିଶ୍ରଙ୍କର ଭୁବନେଶ୍ୱରଠାରେ ଆଲୋଚନା ପରେ ଚିନିକଳ ପାଇଁ ଗ୍ରୀନ ସିଗ୍‌ନାଲ ମିଳିଥିଲା। ପରେ ଗତ ସେପ୍ଟେମ୍ବର ୩ରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏଥିରେ ପୁରୀ ଏମପି ପାତ୍ର ଯୋଗଦେଇ ନୂଆ ଚିନିକଳ ପାଇଁ ପ୍ରସ୍ତାବ ରଖିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ନୂଆ ଚିନିକଳ ପାଇଁ ପୁଣି ବୈଠକ କରାଯାଇ ସ୍ଥାନ ଚୟନ ପାଇଁ କୁହାଯାଇଥିଲା। ହେଲେ ଚିନିକଳ ସ୍ଥାପନ ପ୍ରସଙ୍ଗ ଧୀରେ ଧୀରେ ଶୀତଳଭଣ୍ଡାରକୁ ଚାଲି ଯାଉଥିବା ଅଭିଯୋଗ ଉଠିଛି।

# ଯକ୍ଷ୍ମା ରୋଗୀ ଚିହ୍ନଟ ତାଲିମ ଶିବିର



ତାଲିମ ଶିବିରରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

**ନୟାଗଡ଼,୨୩।୧୨(ଲୋକନାଥ ମିଶ୍ର)**

ନୟାଗଡ଼ ବ୍ଲକ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଯକ୍ଷ୍ମା ରୋଗୀ ଚିହ୍ନଟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଯକ୍ଷ୍ମା ଅଧିକାରୀ ଡା. ଶରତ ଦାସ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଡା. ଜ୍ଞାନଜ୍ୟୋତି ଦାସଙ୍କ ତତ୍ତ୍ୱାବଧାନରେ ଯକ୍ଷ୍ମା ରୋଗୀ ଚିହ୍ନଟ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ନିବେଦିତା ପ୍ରଧାନ, ଜିଲା ସରକାରୀ ବେସରକାରୀ ସଂଯୋଜକ ଦିଲୀପ ପ୍ରଧାନ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଆଶାକର୍ମୀ ଓ ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ଯକ୍ଷ୍ମା ରୋଗ ଉପରେ କିପରି ଠିକ୍ ସଚେତନ କରିବେ ଓ ରୋଗ ନିରୂପଣ କରିପାରିବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। କୌଣସି ଲୋକଠାରେ ଯକ୍ଷ୍ମାର ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ବିନା ମୂଲ୍ୟରେ କଫ ପରୀକ୍ଷା କରାଇ ଉପଯୁକ୍ତ ଔଷଧ ସେବନ କରିବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ଦୀର୍ଘଦିନ ଧରି ଜ୍ୱର ଲାଗିରହିବା, ଓଜନ କମିଯିବା, ଦୁଇ ସପ୍ତାହରୁ ଅଧିକ ଦିନ ଧରି କାଶ ଲାଗି ରହିବା, ଛାତିରେ ଯନ୍ତ୍ରଣା ହେବା ଓ କଫରେ ରକ୍ତ ପଡ଼ିବା ଆଦି ଯକ୍ଷ୍ମାର ଲକ୍ଷଣ ହୋଇପାରେ ବୋଲି ବୁଝାଇ କୁହାଯାଇଥିଲା। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀମାନଙ୍କୁ ନେଇ ୨୨ଟି ଦଳ ଗଠନ କରାଯାଇଛି। ପ୍ରତିଟି ଦଳ ୭ ଶହରୁ ଉର୍ଦ୍ଧ୍ୱ ଜନସଂଖ୍ୟାବିଶିଷ୍ଟ ଗ୍ରାମକୁ ଯାଇ ରୋଗ ଚିହ୍ନଟ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ଏହି ତାଲିମ କାର୍ଯ୍ୟକ୍ରମରେ ମନୋରଞ୍ଜନ ସାହୁ, ରିଆଜ୍ ଅହମ୍ମଦ ମଲ୍ଲିକ, ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# କନିଷ୍ଠଯନ୍ତ୍ରୀଙ୍କ ପରଲୋକ

**ଖଣ୍ଡପଡ଼ା,୨୩।୧୨(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ କର୍ଣ୍ଣିଲୋ ପଞ୍ଚାୟତ ବାପୁଜୀନଗର ବାସିନ୍ଦା ସ୍ୱର୍ଗତ ସତ୍ୟବାଦୀ ଚିନରାଙ୍କ ଏକମାତ୍ର ପୁତ୍ର ଇଂ. ଚଣ୍ଡୀପ୍ରସାଦ ଚିନରା(୬୦)ଙ୍କର ଶୁକ୍ରବାର ରାତିରେ ଫୁଲବାଣୀ ଜିଲା ଟିକାବାଲିଠାରେ ପରଲୋକ ହୋଇଯାଇଛି। ଖବର ପ୍ରସାରିତ ହେବା ପରେ ତାଙ୍କର ଅନ୍ତିମ ଦର୍ଶନ କରିବା ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କ ସରକାରୀ ବାସଭବନରେ ସମାଗମ ହୋଇଥିଲେ। ସେ ଟିକାବାଲି ବ୍ଲକରେ ପଞ୍ଚାୟତିରାଜ ବିଭାଗରେ କନିଷ୍ଠଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ଚିନରା ଦୀର୍ଘଦିନ ହେଲା କିଡନୀ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ମେଳାପୀ, ବନ୍ଧୁ ବତ୍ସଳ, ମିଷ୍ଟଭାଷୀ ଓ ପରୋପକାରୀ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ରିତେଶ ରୋଶନ ମୁଖାଗ୍ନି ଦେଇଥିଲେ। ସୂଚନା ଯୋଗ୍ୟ ଯେ ସେ ଆସନ୍ତା ୨୦୨୫ ମେ'ରେ ଅବସର ଗ୍ରହଣ କରିଥାନ୍ତେ।

# ବିଦ୍ୟାଳୟ ନିରାପତ୍ତା, ଶିକ୍ଷଣ, ଦକ୍ଷତା ଉପରେ ଗୁରୁତ୍ୱ

**ରଣପୁର, ୨୩।୧୨(ସୁକାନ୍ତ କିଶୋର ଡାକୁଆ)**

## ସପ୍ତମ କ୍ଲଷ୍ଟରସ୍ତରୀୟ ବୈଠକ

ଗଣ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ସମସ୍ତ ବିଦ୍ୟାଳୟଗୁଡ଼ିକୁ ନେଇ ସପ୍ତମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇ ଯାଇଛି ଏହି ପରିପ୍ରେକ୍ଷୀରେ ନୟାଗଡ ଜିଲ୍ଲା ରଣପୁର ବ୍ଲକ ନରସିଂହପୁର କ୍ଲଷ୍ଟରରେ ସି.ଆର.ସି.ସି. ସୁଶୀଲ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଓ ନିହାଲପ୍ରସାଦ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ଜାନିଙ୍କ ସହଯୋଗରେ ଏହି ବୈଠକ ସଫଳତାର ସହ ସମାପ୍ତ ହୋଇଛି ଏହି ବୈଠକରେ ନଭେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ନମୁନା ପାଠଯୋଜନା, ଶ୍ରେଣୀ ପରିଚାଳନା ସମୟର ସୁବିଧା ଅସୁବିଧା, ମାନ ର୍ନିଦ୍ଧାରଣ, ଟ୍ରାକର ରେଜିଷ୍ଟର ବ୍ୟବହାର, ଶିକ୍ଷଣ ଦକ୍ଷତା ହାସଲ ଆଦି ବିଷୟରେ ଆଲୋଚନା କରାଯାଇଥିଲା ଏହା ସହିତ ଏକକ ଶିକ୍ଷାଦାନ ପଦ୍ଧତି, ବହୁ ଶ୍ରେଣୀୟ ଶିକ୍ଷାଦାନ ପଦ୍ଧତିର ସୋପାନ ବିଷୟରେ ଆଲୋଚନା କରାଯାଇଥିଲା ଏହା ସହ ଶିକ୍ଷକ ସୁକାନ୍ତ କୁମାର ବେହେରା, ସ୍ୱର୍ଣ୍ଣପ୍ରଭା ସିଂଦେଓ, ଭ୍ରମରବର ତାଡ଼, ଆଶାମଣି ସାମନ୍ତରାୟ ପ୍ରମୁଖ ବିଭିନ୍ନ ଶିକ୍ଷାଦାନ ପଦ୍ଧତିର ନମୁନା ଶ୍ରେଣୀ ନେଇ ଶିକ୍ଷାଦାନ କରିଥିଲେ ଏହି ବୈଠକର ଆଲୋଚନା ବିଷୟ ବସ୍ତୁଗୁଡ଼ିକ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଦୈନନ୍ଦିନ ବିଦ୍ୟାଳୟ ପରିଚାଳନା, ଶ୍ରେଣୀରେ ଶୈକ୍ଷିକ କାର୍ଯ୍ୟ ପରିଚାଳନା ସହ ଛାତ୍ରଛାତ୍ରୀମାନଙ୍କ ଅସୁବିଧାକୁ ଚିହ୍ନଟ କରି ତାର ସମାଧାନରେ ସାହାଯ୍ୟ କରିବ ଏହି ବୈଠକରେ କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ୮ ଜଣ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ୮ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ ସେହିପରି ଖଇରପଲ୍ଲୀ କ୍ଲଷ୍ଟରରେ ସି.ଆର.ସି.ସି.ଙ୍କ ତତ୍ତ୍ୱାବଧାନରେ ଓ ଖଇରପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର କହଲସିଂଙ୍କ ସହଯୋଗରେ ଏହି ବୈଠକ ସଫଳତାର ସହ ସମାପ୍ତ ହୋଇଛି ଏଥିରେ ତାରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଲେଶ୍ୱର ରାଉତ ପ୍ରଶିକ୍ଷକ ଭାବେ ଯୋଗ ଦେଇ ବୈଠକରେ ଆଲୋଚନା ହେବାକୁ ଥିବା ବିଷୟବସ୍ତୁକୁ ଖୁବ ସରଳ ଭାବେ ଆଲୋଚନା କରିଥିଲେ ଏଥିରେ କ୍ଲଷ୍ଟରର ୧୦ ଜଣ ପ୍ରଧାନ ଶିକ୍ଷକଶିକ୍ଷୟତ୍ରୀ ଓ ୯ ଜଣ ଶିକ୍ଷକଶିକ୍ଷୟତ୍ରୀ ଯୋଗ ଦେଇଥିଲେ।

# ଶିଶୁ ଝୁଲା ଦୋଳି ଉଦ୍‌ଘାଟିତ

**ଖଣ୍ଡପଡା,୨୩।୧୨(ଅଜୟ କୁମାର ମହାରଣା)**



ଜିଲା ଶିଶୁ ସୁରକ୍ଷା ୟୁନିଟ ନୟାଗଡ଼ ଆନୁକୂଲ୍ୟରେ ସୋମବାର ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳଙ୍କ ଦ୍ୱାରା ଏକ ଶିଶୁ ଝୁଲା ଦୋଳି ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ ଦୋଳିର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଶିଶୁ ସୁରକ୍ଷା ଅଧିକାରୀ ଶିବିୟନ ପ୍ରଧାନ ଯୋଗଦେଇ ଅନାଥ, ଅବହେଳିତ, ସମର୍ପିତ, ବେଆଇନ ଭାବେ ରଖିଥିବା ଶିଶୁ କିମ୍ବା ଅବିବାହିତ ଝିଅର ଶିଶୁକୁ ଏଣେତେଣେ ନ ଫୋପାଡ଼ି ସୁରକ୍ଷିତ ଭାବେ ଉକ୍ତ ଶିଶୁ ଦୋଳିରେ ରଖା ଯାଇପାରିବ ବୋଲି ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପଜିଲାପାଳ କର୍ଣ୍ଣଦେବ ସମଦାର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଶାନ୍ତ କୁମାର ଦାସ, ବିଡିଓ ଅଙ୍କୁର ଅଭିଳାଷ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କେ. କଟେଶ୍ୱରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସାଧିକାରୀ ଡା. ଅଭିଷାର ପଣ୍ଡା, ସୁରକ୍ଷା ଅଧିକାରିଣୀ ଜୟଶ୍ରୀ ପ୍ରଧାନ, ପରିଚାଳକ ମାନସ କୁମାର ପରିଡାଙ୍କ ସମେତ ସୁପରଭାଇଜର ଓ ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ଜିଲାରେ ଗଠନ ହେବ ଭଲ ଫୁଟବଲ ଦଳ

## ୫୬ ବର୍ଷର ପୂର୍ବତନ ଫୁଟବଲ ଖେଳାଳିଙ୍କ ସମାବେଶ

**ନୟାଗଡ଼,୨୩।୧୨(ଲୋକନାଥ ମିଶ୍ର)**



ସମାବେଶରେ ପୂର୍ବତନ ଫୁଟବଲ୍ ଖେଳାଳି।

ରବିବାର ନୟାଗଡ଼ ପୁରାତନ ଫୁଟବଲ ଆସୋସିଏଶନର ବନ୍ଧୁ ମିଳନ ସ୍ଥାନୀୟ ପ୍ରତାପପ୍ରସାଦସ୍ଥିତ ମା' ଭୈରବୀଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯୪୯ରୁ ୨୦୦୫ ପର୍ଯ୍ୟନ୍ତ ପୂର୍ବତନ ଫୁଟବଲ ଖେଳାଳି ମାନେ ଯୋଗ ଦେଇଥିଲେ। ଅମୀୟ ମୋହନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବନ୍ଧୁ ମିଳନରେ ନୟାଗଡ଼ ଜିଲାର ପୁରାତନ ଖେଳାଳୀ ବେଣୁଧର ରାଉତରାୟ, ମକଦମ ସାହୁ, ଗନି ଖାଁ, ଭଗିବାନ ସାହୁ, ପ୍ରସନ୍ନ ମିଶ୍ର, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଅଜିତ ପ୍ରସାଦ ସାହୁ ଏବଂ ଚିତ୍ତରଞ୍ଜନ ତ୍ରିପାଠୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ନୟାଗଡ଼ ଜିଲାରେ ଏକ ଭଲ ଫୁଟବଲ ଟିମ୍ ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ଜିଲାର ପୂର୍ବ ଗୌରବ ଫେରାଇ ଆଣିବାକୁ ଉଦ୍ୟମ କରାଯିବ। ଅନୁଷ୍ଠାନର ସଭାପତି ଆଲୋକ କୁମାର ଦାଶ, ସମ୍ପାଦକ ରବୀନ୍ଦ୍ର କୁମାର ପ୍ରଧାନ, ସହସମ୍ପାଦକ ଭବାନୀ ଶଙ୍କର ଦାସ ଏବଂ କୋଷାଧକ୍ଷ ସାରଦା ପ୍ରସାଦ ମହାପାତ୍ର ଏଥିରେ ଯୋଗ ଦେଇଥିଲେ। ବନ୍ଧୁ ମିଳନରେ ପ୍ରାୟ ୧୪୦ଜଣ ଖେଳାଳି ଯୋଗ ଦେଇଥିଲେ।

# ଜିଲାପାଳଙ୍କ ଜନଶୁଣାଣି ଶିବିର: ୧୧୦ ଅଭିଯୋଗ

**ଖଣ୍ଡପଡ଼ା,୨୩।୧୨ (ଅଜୟ କୁମାର ମହାରଭା)**



ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଲୋକେ ଅଭିଯୋଗ କରୁଛନ୍ତି।

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଏସ୍‌ପି ଏସ୍. ସୁଶ୍ରୀ, ଏସ୍‌ଡିପିଓ ବିମଳ କୁମାର ବାରିକ, ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିସରୁତ ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ଶିବିରରେ ସର୍ବମୋଟ ୧୧୦ଟି ଅଭିଯୋଗ ହୋଇଥିଲା। ସେଥି ମଧ୍ୟରୁ ୮୭ ଟି ବ୍ୟକ୍ତିଗତ, ଗୋଟିଏ ଗ୍ରାମ୍ୟ ସମସ୍ୟା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୨ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ବିଭିନ୍ନ ଅଭିଯୋଗ ମଧ୍ୟରେ ୧୮ ଟି ଅଭିଯୋଗର ଶୁଣାଣି କରାଯାଇ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ନିମନ୍ତେ ଜିଲାପାଳ ବିଡିଓ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିର ପରିଚାଳନାରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ପାଣିରୁ ଧାନ ଉଠା ଶେଷ ହୋଇନି

**ନୟାଗଡ଼,୨୩।୧୨ (ଲୋକନାଥ ମିଶ୍ର)**

- ପୁଣି ୨୪ରୁ ବର୍ଷାର ଭୟ ଆରମ୍ଭ ହୋଇଛି ଝିପିଝିପି ବର୍ଷା
- କ୍ଷୟକ୍ଷତି ରିପୋର୍ଟ ଶୀଘ୍ର ଦେବାକୁ ଜିଲା ପରିଷଦ ସଭାପତିଙ୍କ ଚିଠି



ଚାଷୀ ଜମିରୁ ଓଦା ହୋଇଯାଇଥିବା ଧାନକୁ ଉଠାଇ ଆଣୁଛନ୍ତି।

ଅଦିନିଆ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବାବେଳେ ପୁଣି ବର୍ଷା ଭୟ ନିଦ ହଜାଇ ଦେଇଛି। ଏପରିକି ୨୪ ତାରିଖରେ ବର୍ଷା ହେବ ଜାଣି ଚାଷୀ ପାଣିରୁ ଧାନ ଉଠା କାର୍ଯ୍ୟ ଜାରି ରଖିଛନ୍ତି। ତେବେ ସୋମବାର ରାତିରେ ଝିପିଝିପି ବର୍ଷା ଚାଷୀଙ୍କ ନିଦ ହଜାଇ ଦେଇଛି। ଚଳିତବର୍ଷ ଭଲ ଧାନ ଫସଲ ହୋଇଥିଲା। ଚାଷୀ ଫସଲକୁ ଆମଦାନୀ କରିବାରେ ଲାଗି ପଡିଥିଲା। ଏଭଳିସ୍ଥଳେ ଅଦିନିଆ ବର୍ଷା ସବୁ ଫସଲକୁ ଉଜାଡି ଦେଇଥିଲା। ଜିଲାର ସବୁ ସ୍ଥାନରେ ଚାଷୀ କ୍ଷୟକ୍ଷତି ହେବାର ଦୃଶ୍ୟ ଦେଖିବାକୁ ମିଳିଛି। କୃଷି ବିଭାଗ ଏଯାବତ କ୍ଷୟକ୍ଷତି ଆକଳନ କରିନାହିଁ। ଏଭଳିସ୍ଥଳେ କ୍ଷୟକ୍ଷତି ରିପୋର୍ଟ ତୁରନ୍ତ ଦେବାକୁ ଜିଲା ପରିଷଦ ଚେୟାରମ୍ୟାନ ଦେବାଶିଷ ପଟ୍ଟନାୟକ କୃଷି ବିଭାଗକୁ ଚିଠି ଲେଖିଛନ୍ତି।

